
THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ରବିବାର ମ୍ୟାଗାଜିନ୍ | ରବିବାର, ୨ ଫେବୃଆରୀ, ୨୦୨୫



ମନୋରଞ୍ଜନ

ଏଟ୍‌ଲୀଙ୍କ ଫିଲ୍ମରେ ରଶ୍ମିକା



# ସ୍ୱାମୀ ବିବେକାନନ୍ଦ

୨୪

■ ମନୋଜ କୁମାର ମହାପାତ୍ର

ଆମେରିକା ମାଟି ଧନ୍ୟ ହେଲା ସ୍ୱାମିଜୀଙ୍କ ଚରଣ ସ୍ପର୍ଶରେ। ଚିକାଗୋରେ ପହଞ୍ଚି ଜାଣିଲେ ଯେ ଧର୍ମସଭା ଦୁଇ-ତିନି ମାସ ବିଳମ୍ବରେ ଅନୁଷ୍ଠିତ ହେବ। ଏହି ଧର୍ମସଭାରେ କେବଳ ନିମନ୍ତ୍ରିତ ସଦସ୍ୟ ଅଂଶଗ୍ରହଣ କରିପାରିବେ। ସେତେବେଳକୁ ସଦସ୍ୟ ଗ୍ରହଣ କରିବାର ସମୟସୀମା ମଧ୍ୟ ଅତିକ୍ରମ କରିସାରିଥିଲା। ଏତେଦିନ ଧରି ସେ ରହିବେ କିପରି ? କିଏ ତାଙ୍କର ଖର୍ଚ୍ଚ ବହନ କରିବ ? ଯାହାବି ଅର୍ଥ ପାଖରେ ଥିଲା, ତାହା ସମୁଦାୟ ଖର୍ଚ୍ଚ ବହନ କରିବା ପାଇଁ ନଥିଲା ପର୍ଯ୍ୟାପ୍ତ। ସ୍ୱାମିଜୀ ବ୍ୟସ୍ତ ହୋଇପଡ଼ିଲେ। ଆରାଧ୍ୟଦେବ ଶ୍ରୀ ରାମକୃଷ୍ଣଙ୍କୁ ସ୍ମରଣ କରି ବ୍ୟକ୍ତକଲେ ନିଜର ଦୁଃଖ ଓ ନୈରାଶ୍ୟ। ଅନ୍ତର୍ଯ୍ୟାମୀ ଅନ୍ତର ବ୍ୟଥା ଜାଣିପାରନ୍ତି ବୋଲି ଶାସ୍ତ୍ର କହେ। ପରିବ୍ରାଜକ ଜୀବନରେ ଯେପରି ପାଖେ ପାଖେ ରହି ତାଙ୍କୁ ସବୁ ବିପଦ-ଆପଦରୁ ରକ୍ଷା କରୁଥିଲେ, ତାହାହିଁ କଲେ ଏଥର ଅଲକ୍ଷ୍ୟରେ ଶ୍ରୀ ରାମକୃଷ୍ଣ। ମାତା ଜଗଜ୍ଜନନୀ ଆବିର୍ଭୂତା ହେଲେ ଭିନ୍ନ ରୂପରେ, ଯେପରି ମହାତ୍ୟାଗୀ ଶିବଙ୍କୁ ତିଳେମାତ୍ର କଷ୍ଟ ନହୁଏ। ଆମେରିକା ଭୂମିରେ ଏକ ବିଦେଶିନୀ ନାରୀଙ୍କର ଭୂମିକା ହଠାତ ଦେଖାଗଲା। କି ଆଶ୍ଚର୍ଯ୍ୟ ଘଟଣା ? ମାତା ଭଗବତୀଙ୍କର କି ଚମତ୍କାର ଲୀଳା। କୁମାରୀ କାଥେରିନ୍ ଆବୋଟ୍ ସାନ୍‌ବର୍ଣ୍ଣ, ସ୍ୱାମିଜୀଙ୍କ ଜ୍ଞାନ ଓ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ଆମନ୍ତ୍ରଣ କଲେ ନିଜ ଗୃହକୁ। ମାସାଚ୍ୟୁସେଟ୍ ସ୍ଥିତ ଏକ ସୁନ୍ଦର ରମଣୀୟ ଗୃହରେ ସ୍ୱାମିଜୀ ଅବସ୍ଥାନ କଲେ। ପରିଚିତ କରାଇଦେଲେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗ୍ରୀକ୍ ଅଧ୍ୟାପକ ଡକ୍ଟର ଜନ୍ ହେନ୍‌ରୀ ରାଇଟ୍‌ଙ୍କ ସହ। ଅନେକ ତତ୍କାଳୀନ ବୁଦ୍ଧିଜୀବୀଙ୍କ ସହ ଧର୍ମାଲୋଚନା କରି ସେ ହେଲେ ଖୁବ୍ ଆଦରଣୀୟ। ଡକ୍ଟର ଜନ୍ ହେନ୍‌ରୀ ବ୍ୟାରୋ, ଚିକାଗୋ ଧର୍ମ ପାର୍ଲାମେଣ୍ଟ୍‌ର ଅଧ୍ୟକ୍ଷଙ୍କ ସହ ତାଙ୍କୁ ପରିଚିତ କରାଇ ଦିଆଗଲା ଏବଂ ସର୍ବଶେଷରେ ହିନ୍ଦୁ ପ୍ରତିନିଧି ଭାବେ ତାଙ୍କୁ ଧର୍ମସଭାରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଆସିଲା।

କିଏ ସେହି ନାରୀ କୁମାରୀ କାଥେରିନ୍, ଯିଏ ସାହାଯ୍ୟ କରିବାକୁ ପ୍ରତୀକ୍ଷା କରିଥିଲେ ? ହଠାତ୍ ସେ କାହିଁକି ଥରେ ମାତ୍ର ଦର୍ଶନରେ ସ୍ୱାମିଜୀଙ୍କ ପ୍ରତି ଆକର୍ଷିତ ହେଲେ ? ଇୟେସବୁ ମହାମାୟାଙ୍କର ପୁର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ। ମହାତ୍ୟାଗୀ ଶିବରୂପୀ ବିବେକାନନ୍ଦଙ୍କର ଆଗମନ ପୂର୍ବରୁ ହୋଇ ସାରିଥିଲା ସକଳ ଆୟୋଜନ। ନରେନ୍ ଶିକ୍ଷାଦେବ। ଶିକ୍ଷା ଦେବା ଆଗରୁ ହୋଇଥିଲା ମଞ୍ଚ ପ୍ରସ୍ତୁତ।

ଚିକାଗୋ ସ୍ଥିତ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅନୁଷ୍ଠିତ ହେଉଥିବା ଧର୍ମମହାସଭାର ମଣ୍ଡପ ଉପରେ ଉପବିଷ୍ଟ ହେଲେ ସ୍ୱାମିଜୀ ସେପ୍ଟେମ୍ବର, ୧୮୯୩ ମସିହାରେ। ପାର୍ଶ୍ୱରେ ଅନ୍ୟ ଧର୍ମର ପ୍ରତିନିଧିଗଣ। ସମ୍ମୁଖରେ ଛଅରୁ ସାତହଜାର ଶ୍ରୋତା ସଭାକକ୍ଷରେ। କ୍ରମଶଃ ସ୍ୱାମିଜୀଙ୍କର ମୁଖମଣ୍ଡଳ ଜ୍ୟୋତିର୍ମୟ ହେଉଉଠୁଥିଲା। ସକଳ ଶ୍ରୋତା ଭାରତୀୟ ଯୁବ ସନ୍ନ୍ୟାସୀଙ୍କର ଆଭାଯୁକ୍ତ ମୁଖମଣ୍ଡଳ ଅବଲୋକନ କରି ନୀରବ ଓ ନିସ୍ତବ୍ଧ। ସ୍ୱାମିଜୀ ସମ୍ବୋଧନ ଆରମ୍ଭ କଲେ, 'ହେ ମୋର ପ୍ରିୟ ଆମେରିକାର ଭଉଣୀ ଓ ଭାଇମାନେ,' ଏମନ୍ତ ଭଉଣୀ ଓ ଭାଇ ଡାକରେ ସାରା ଗୃହରେ ଖେଳିଗଲା ଆନନ୍ଦ ଉଲ୍ଲାସ। ସହସ୍ର କରତାଳିରେ ଧ୍ୱନିତ ହେଲା ସମଗ୍ର ବାତାବରଣ। ଶହଶହ ଶ୍ରୋତା ଅଭିନନ୍ଦନ ଜଣାଇ ଉଠିପଡ଼ିଲେ ନିଜ ନିଜ ଆସନରୁ। ସସ୍ନେହ ଭଉଣୀ ଓ ଭାଇ ଡାକରେ ଉନ୍ମାଦ ହୋଇପଡ଼ିଲେ ସବୁରି। ବାରମ୍ବାର ସଭିଙ୍କ ମନରେ ଅହେତୁକ ଭାବରେ ପ୍ରଶ୍ନ ଉଠୁଥିଲା - କିଏ ଏହି ଆଗନ୍ତୁକ ସନ୍ନ୍ୟାସୀ ? ସବୁରିଙ୍କ ସ୍ନେହପୂର୍ଣ୍ଣ ଆଖି ଚାହିଁ ରହିଲା ସେହି ମହାପୁରୁଷଙ୍କୁ। ସ୍ୱାମିଜୀ ଦୁଇ ମିନିଟ୍ ଧରି କିଛି କହିପାରିଲେ ନାହିଁ। କେମିତି କହିଥାନ୍ତେ ? ଆନନ୍ଦ-ଉଲ୍ଲାସର କରତାଳିର ଧ୍ୱନି ଭିତରେ କିଛି କହିହେବ କି ?

ସଭାଗୃହ ନୀରବ ହେଲାରୁ, ସ୍ୱାମିଜୀ ହିନ୍ଦୁଧର୍ମ ସର୍ବଧର୍ମର ଜନନୀ ବୋଲି ଘୋଷଣା କଲେ। ଏହି ପୁରାତନ ସନାତନ ଧର୍ମ, ନଦୀ ସମୂହକୁ ନିଜ ଭିତରେ ସମୁଦ୍ର ସ୍ଥାନ ଦେବା ଭଳି ସବୁ ଧର୍ମ, ସବୁ ପଥକୁ ନିଜ ଭିତରେ ଏକାକାର କରି ହୋଇଛି ମହାନ ସନାତନ ଧର୍ମ। ବକ୍ତୃତା ସମାପ୍ତ ହେଲାରୁ ଦଳଦଳ ନାରୀ ସ୍ୱାମିଜୀଙ୍କ ସାନ୍ନିଧ ଲାଭ କରିବାକୁ ହେଲେ ଅଗ୍ରସର, ସତେକି ସେମାନଙ୍କର ଯୀଶୁଖ୍ରୀଷ୍ଟ ପୁଣି ଥରେ ଭକ୍ତମାନଙ୍କ ଗହଣରେ ହୋଇଛନ୍ତି ଆବିର୍ଭାବ। ଚତୁର୍ଦ୍ଦିଗ ଜୟଜୟକାର। ସ୍ୱାମିଜୀଙ୍କର ଯଶ କୀର୍ତ୍ତିରେ ସମଗ୍ର ଚିକାଗୋ ସହର ହୋଇଉଠିଲା ଉଲ୍ଲସିତ ଓ ମୁଖରିତ। ଶ୍ରୀ ରାମକୃଷ୍ଣଙ୍କର ସବୁ ଦେଇ ଫକିର ହେବାର ଦିବ୍ୟଶକ୍ତି ସ୍ୱାମିଜୀଙ୍କ ମାଧ୍ୟମରେ ପୁନଃପ୍ରକାଶିତ ହେଲା। ସ୍ୱାମିଜୀଙ୍କ ବକ୍ତୃତାର ସ୍ୱର ତୀକ୍ଷ୍ଣ ତୀର ଭଳି ସବୁରିଙ୍କ ହୃଦୟରେ ପ୍ରବେଶ କଲା। ଏହା କୌଣସି ସାଧାରଣ ମଣିଷର ବକ୍ତୃତା ନୁହେଁ। ସାଧାରଣ ମଣିଷର 'ଭଉଣୀ ଓ ଭାଇ' ସମ୍ବୋଧନରେ କସ୍ମିନ୍‌କାଳେ ମଣିଷ ହେବନି ଏପରି ଉନ୍ମାଦ। ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତି ନୁହେଁ। ସେ ଭାରତର ଆତ୍ମା। ହଜାର ହଜାର ବର୍ଷର ପୁରାତନ ଭାରତୀୟ ଧର୍ମ ଓ ସଂସ୍କୃତିର ମୂର୍ତ୍ତିମାନ ପୁରୁଷ। ବେଦ, ବେଦାନ୍ତ, ଉପନିଷଦର ନିର୍ଯାସ। ଖ୍ରୀଷ୍ଟ ଧର୍ମ, ଇସଲାମ୍ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ, ଶିଖ୍ ଧର୍ମ ଓ ଅନ୍ୟାନ୍ୟ କେତେ ଧର୍ମର ତତ୍ତ୍ୱକୁ ନିଜେ ସାଧନା କରି ପ୍ରମାଣିତ କରିଥିବା ମହାପୁରୁଷ ଶ୍ରୀ ରାମକୃଷ୍ଣଙ୍କ ମୁଖ ଥିଲେ ସ୍ୱାମିଜୀ। କୌଣସି ଧର୍ମ ନ୍ୟୂନ ନୁହେଁ। ଈଶ୍ୱର ଲାଭ ପାଇଁ କୌଣସି ପଥ ଘୃଣିତ ନୁହେଁ। ସବୁ ଧର୍ମ, ସବୁ ପଥ ଗୋଟିଏ ଗୋଟିଏ ସତ୍ୟ ଉପରେ ପ୍ରତିଷ୍ଠିତ ଓ ସେସବୁ ଏକ ଚିରନ୍ତନ ସତ୍ୟର ଶାଖା ମାତ୍ର। ଧର୍ମ ଧର୍ମ ଭିତରେ କଳହ ଲାଗି ସେହି ଚିରନ୍ତନ ସତ୍ୟକୁ ଭୁଲିଯିବା ହିଁ ଅଜ୍ଞାନ। ସେଥିପାଇଁ ସ୍ୱୟଂ ଶ୍ରୀ ରାମକୃଷ୍ଣ ଶିବଙ୍କ ମୁଖ ଦେଇ ଘୋଷଣା କଲେ ପ୍ରେମପୂର୍ଣ୍ଣ ଭ୍ରାତୃତ୍ୱଭାବ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ସ୍ନାନ

■ ଡକ୍ଟର ତପନ କୁମାର ପାଲ

ଋଷିକନ୍ୟା ଚନ୍ଦ୍ରଭାଗାର ଅପୂର୍ବ ରୂପ ଲାବଣ୍ୟରେ ଆକୃଷ୍ଟ ହୋଇପଡ଼ିଲେ ସୂର୍ଯ୍ୟଦେବ । ଚନ୍ଦ୍ରଭାଗାକୁ ପାଇବା ପାଇଁ ସେ ଓହ୍ଲାଇ ପଡ଼ିଲେ ମର୍ତ୍ତ୍ୟକୁ, କଲେ ପ୍ରେମ ନିବେଦନ । କିନ୍ତୁ ସୂର୍ଯ୍ୟଦେବଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କଲେ ସୁନ୍ଦରୀ ଚନ୍ଦ୍ରଭାଗା । ତେବେ ଚନ୍ଦ୍ରଭାଗାଙ୍କ ରୂପରେ ପାଗଳ ସୂର୍ଯ୍ୟଦେବ କ୍ରୁଦ୍ଧ ହେଲେ । ବଳ ପ୍ରୟୋଗ କରି ଚନ୍ଦ୍ରଭାଗାକୁ ହରଣ କରିବାକୁ ଉଦ୍ୟମ କଲେ । କିନ୍ତୁ ଭୟଭୀତ ଚନ୍ଦ୍ରଭାଗା ସେ ସ୍ଥାନ ଛାଡ଼ି ପଳାୟନ କଲେ । କିନ୍ତୁ ପ୍ରେମପାଗଳ ସୂର୍ଯ୍ୟଦେବ ତାଙ୍କର ପିଛା ଛାଡ଼ିଲେନି । ଫଳରେ ନିଜର ସତୀତ୍ୱ ରକ୍ଷା କରିବାକୁ ଋଷିକନ୍ୟା ଚନ୍ଦ୍ରଭାଗା ନଦୀରେ ଝାସ ଦେଇ ପ୍ରାଣ ବିସର୍ଜନ କରିଦେଲେ । ସୁନ୍ଦରୀ ଚନ୍ଦ୍ରଭାଗା ଯେଉଁଠାରେ ନିଜକୁ ଝାସ ଦେଇଥିଲେ ତାହା ଥିଲା ନଦୀ ଓ ସମୁଦ୍ରର ମିଳନ ସ୍ଥାନ । ଚନ୍ଦ୍ରଭାଗାର ବଳିଦାନ ପରେ ଲଜ୍ଜିତ ହୋଇଥିଲେ ସୂର୍ଯ୍ୟଦେବ । ନିଜର ସାମାନ୍ୟ ସ୍ଖଳନ ଯୋଗୁଁ ସେ ଜଣେ ସତୀର ଜୀବନ ନେଇଗଲେ । ଏହାପରେ ସେ ନିଜର ଭୁଲର ପ୍ରାୟଶ୍ଚିତ କରିବା ପାଇଁ ସେହି ସ୍ଥାନକୁ ଏକ ପୁଣ୍ୟ ପୀଠ ପାଲଟିବା ପାଇଁ ବର ପ୍ରଦାନ କଲେ । ପ୍ରତ୍ୟେକ ଦିନ ସେହିଠାରେ ହିଁ ତାଙ୍କର ପ୍ରଥମ ଉଦିତ କିରଣ ପଡ଼ିବ ବୋଲି ପ୍ରତିଶ୍ରୁତି ଦେଲେ । ଯିଏ ମାଘସପ୍ତମୀ ତିଥିରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦର୍ଶନ କରିବ ସେ କୋଟି ପୁଣ୍ୟର ଲାଭ ପାଇବ ବୋଲି ସୂର୍ଯ୍ୟଦେବ ପ୍ରତିଶ୍ରୁତି ଦେଇଥିଲେ ।



ପରବର୍ତ୍ତୀ ସମୟରେ ସେହି ସ୍ଥାନ ଚନ୍ଦ୍ରଭାଗା ନାମରେ ପରିଚିତ ହୋଇଥିଲା ଏବଂ ଏକ ପୁଣ୍ୟ ପୀଠରେ ପରିଣତ ହୋଇଯାଇଥିଲା । ସତୀ ଚନ୍ଦ୍ରଭାଗାଙ୍କ ଏହି ତ୍ୟାଗକୁ ସ୍ମରଣ କରିବା ପାଇଁ ପ୍ରତ୍ୟେକ ବର୍ଷ ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗାରେ ପବିତ୍ର ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ପୁଣ୍ୟ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସତୀ ଚନ୍ଦ୍ରଭାଗାଙ୍କ ତ୍ୟାଗକୁ ମନେ ପକାନ୍ତି । ଆଉ ଏକ କାହାଣୀ କହେ, କୁଷ୍ଠଗ୍ରସ୍ତ କୃଷ୍ଣ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ମୁହାଣରେ ସୂର୍ଯ୍ୟଙ୍କୁ ଉପାସନା କରି ରୋଗମୁକ୍ତ ହୋଇଥିଲେ । ମାଘ ସପ୍ତମୀ ତିଥିରେ ତାଙ୍କର ଏହି ସୌଭାଗ୍ୟ ଲାଭ ହୋଇଥିବାରୁ ଏହି ଦିନ ଚନ୍ଦ୍ରଭାଗାରେ ପବିତ୍ର ବୁଡ଼ ପ୍ରଦାନ କଲେ ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପୁରାଣ ମତରେ ମାଘ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ । ତେଣୁ ମାଘସପ୍ତମୀ ପରି ଏକ ପୁଣ୍ୟ ଦିନରେ ଆମ ରାଜ୍ୟରେ ଚନ୍ଦ୍ରଭାଗା ତଟରେ ଏହି ମାଘ ସ୍ନାନ ଉତ୍ସବ ପାଳିତ ହୋଇଥାଏ । କେବଳ ଚନ୍ଦ୍ରଭାଗାରେ ନୁହେଁ, ଖଣ୍ଡଗିରିରେ ମଧ୍ୟ ଏହି ଦିନ ଆରମ୍ଭ ହୁଏ ମାଘ ମେଳା । ସାତ ଦିନ ଧରି ଏହି ମେଳା ପାଳିତ ହୋଇଥାଏ ।

କେବଳ ଏକ ପୁଣ୍ୟ ପବିତ୍ର ସ୍ଥାନ ଭାବେ ନୁହେଁ, ଚନ୍ଦ୍ରଭାଗାର ପ୍ରାକୃତିକ ସୌନ୍ଦର୍ଯ୍ୟ, ନଦୀ ଓ ସମୁଦ୍ରର ମିଳନ ଭୂମି ତଥା ଉଦିତ ସୂର୍ଯ୍ୟର ମନଲୋଭା ଆକର୍ଷଣ କବି, ଭାବୁକ ଓ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ସେଥିପାଇଁ ଏହି ପୀଠରେ ପର୍ଯ୍ୟଟକମାନଙ୍କ ବେଳାଭୂମି ପାଲଟିଯାଇଛି ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ**



# ପୁରୁଷ ଶୂନ୍ୟ ହେବ କି ପୃଥିବୀ ?

> ‘ଆମର ଏ ଶାଶ୍ୱତ ସଜୀବ ପୃଥିବୀ ସତରେ କ’ଣ ପୁରୁଷଶୂନ୍ୟ ହୋଇଯିବ; ଆଉ ଜନ୍ମ ନେବେନି ପୁରୁଷ ? ମଣିଷ ପରେ ଏକ ନୂତନ ପ୍ରଜାତି ପ୍ରାଣୀ ସୃଷ୍ଟି ହୋଇପାରେ କି ?’ ଏଭଳି ଏକ ଭୀତ, ବିସ୍ମିତ ଓ ଭୟକମ୍ପିତ ବାର୍ତ୍ତା ବିଶ୍ୱବାସୀଙ୍କ ହୃଦସ୍ପନ୍ଦନକୁ ଦ୍ୱିଗୁଣିତ କରିବା ସହିତ ବୈଜ୍ଞାନିକମାନଙ୍କ ନିଦ ହଜାଇଦେଇଛି।

■ ପ୍ରଫେସର ଅଜୟ କୁମାର ପାତ୍ର

‘ଆମର ଏ ଶାଶ୍ୱତ ସଜୀବ ପୃଥିବୀ ସତରେ କ’ଣ ପୁରୁଷଶୂନ୍ୟ ହୋଇଯିବ; ଆଉ ଜନ୍ମ ନେବେନି ପୁରୁଷ ? ମଣିଷ ପରେ ଏକ ନୂତନ ପ୍ରଜାତି ପ୍ରାଣୀ ସୃଷ୍ଟି ହୋଇପାରେ କି ?’ ଏଭଳି ଏକ ଭୀତ, ବିସ୍ମିତ ଓ ଭୟକମ୍ପିତ ବାର୍ତ୍ତା ବିଶ୍ୱବାସୀଙ୍କ ହୃଦସ୍ପନ୍ଦନକୁ ଦ୍ୱିଗୁଣିତ କରିବା ସହିତ ବୈଜ୍ଞାନିକମାନଙ୍କ ନିଦ ହଜାଇଦେଇଛି। ପ୍ରଖ୍ୟାତ ଜାତୀୟ ବିଜ୍ଞାନ ସଂସ୍ଥା (proceedings of national Academy Science) ଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପତ୍ରିକାରେ ସଦ୍ୟ ପ୍ରକାଶିତ ଗବେଷଣାତ୍ମକ ନିବନ୍ଧରେ ଉପରୋକ୍ତ ପ୍ରକାଶିତ ତଥ୍ୟ ବାସ୍ତବିକ ଗୁରୁତ୍ୱ ବହନ କରେ। ଉକ୍ତ ତଥ୍ୟ ପ୍ରତିପାଦିତ କରେ ଯେ ନାରୀ ଗର୍ଭାଶୟରେ ପୁରୁଷ ଶିଶୁ ବିକାଶରେ ପୁରୁଷର ପ୍ରଜନନ କୋଷରେ ଥିବା ‘Y’ ଗୁଣସୂତ୍ର ହିଁ ନିର୍ଣ୍ଣାୟକ ସାଜିଥାଏ। ମାତ୍ର ଗବେଷଣାରୁ ଜଣାଯାଏ ଯେ ବିଗତ ସହସ୍ର ବର୍ଷଧରି ‘Y’ ଗୁଣସୂତ୍ରର ଜିନ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଉକ୍ତ ଗୁଣସୂତ୍ରରେ ଥିବା କାର୍ଯ୍ୟକ୍ଷମ ନଅ ଶହ ଜିନ୍ ସଂଖ୍ୟା ବର୍ଷକାଳ କ୍ରମେ ହ୍ରାସ ପାଇ ବର୍ତ୍ତମାନ ସ୍ଥିତିରେ ପଞ୍ଚାବନରେ ପହଞ୍ଚିଛି ଯାହାକି ତାହାର ସମାହିତ କାର୍ଯ୍ୟକ୍ଷମତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହୁରି ମଧ୍ୟ ନିବନ୍ଧରେ ଦର୍ଶାଯାଇଛି ଯେ ପୁରୁଷ ଶିଶୁ ନିର୍ଣ୍ଣାୟକ ‘Y’ ଗୁଣସୂତ୍ର ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି ଯାହାକି ଭବିଷ୍ୟତ ପୁରୁଷ ପିଢ଼ିଙ୍କ ପାଇଁ ଘୋର ବିପଦ ସୃଷ୍ଟି କରିପାରେ। କେବଳ ସେତିକି ନୁହେଁ ପୁରୁଷ ଲିଙ୍ଗ ନିର୍ଣ୍ଣୟକାରୀ ‘Y’ ଗୁଣସୂତ୍ରର ସଂଖ୍ୟା ତଥା ଆକାର ହ୍ରାସ ପାଇବାରେ ଲାଗିଛି ଯାହାର ପ୍ରକୃତ ବୈଜ୍ଞାନିକ କାରଣ ଖୋଜୁଛନ୍ତି ବୈଜ୍ଞାନିକମାନେ। ପତ୍ରିକାରେ ଲିଖିତ ନିବନ୍ଧ ସାବଧାନ ମଧ୍ୟ କରି ଦେଇଛି ଯେ ସୁଦୂର ଭବିଷ୍ୟତରେ ହୁଏତ ପୃଥିବୀ ପୃଷ୍ଠରୁ ପୁରୁଷଙ୍କ ସଂଖ୍ୟା ଆଶାତୀତ ଭାବରେ କମି ଯାଇପାରେ କିମ୍ବା ସମ୍ପୂର୍ଣ୍ଣ ଲୋପ ପାଇଯାଇପାରେ। ପୁରୁଷ ଶିଶୁ ଆଉ ଜନ୍ମଲାଭ କରିବେ ନାହିଁ, କେବଳ ସ୍ତ୍ରୀ ଶିଶୁ ଜନ୍ମଲାଭ କରିବେ। ଏଠାରେ ବୈଜ୍ଞାନିକ ବିଶ୍ଳେଷଣ କରିବାର ଆବଶ୍ୟକତା ରହୁଛି। ଯଦି ଉପରୋକ୍ତ ତଥ୍ୟ ସତ୍ୟ ହୁଏ ତା’ ହେଲେ ଏକଦା ପୃଥିବୀ ପୃଷ୍ଠରେ ନାରୀଙ୍କ ସଂଖ୍ୟା ଅଧିକ ହେବ। ମାତ୍ର ମନେରଖିବାକୁ ହେବ ଯେ ପୁରୁଷହୀନ ସମାଜରେ ସ୍ତ୍ରୀ-ପୁରୁଷ ମଧ୍ୟରେ ବିବାହ ସଂଘଠିତ ନହେବା ଫଳରେ କାଳକ୍ରମେ ଶିଶୁ ଜନ୍ମହାର କମି କମି ଶେଷରେ ନାରୀ ଜାତିର ଲୋପ ପାଇବ। ପୃଥିବୀ, ପୁରୁଷ ଓ ନାରୀ ବିହିନ ହୋଇପଡ଼ିବ ଓ ମଣିଷ ସଭ୍ୟତା ଲୋପ ପାଇଯିବ। ଅନ୍ୟ ଏକ କାରଣ ହୋଇପାରେ ଯେ କେବଳ ସ୍ତ୍ରୀ-ବହୁଳ ସମାଜରେ ସମଲିଙ୍ଗ ବିବାହ ପ୍ରଥା ପ୍ରଚଳିତ ହେବ ଯାହାକି ସମ୍ପୂର୍ଣ୍ଣ ଅପ୍ରାକୃତିକ ଓ ଅପ୍ରାସଙ୍ଗିକ। ସେ ଯାହା ହେଉନା କାହିଁକି ପୁରୁଷ ଲିଙ୍ଗ ନିରୁପଣ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।





ମ୍ଲାନ ‘Y’ ଗୁଣସୂତ୍ର: ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ ଜାପାନର କ୍ଷୁଦ୍ର ଜଙ୍ଗଲ ପୁରୁଷ ମୂଷା (Spinny rat) ଗୁଡ଼ିକରେ ମୌଳିକ ଜୈବ ପରିବର୍ତ୍ତନ ଘଟି ବାସ୍ତବ ‘Y’ ଗୁଣସୂତ୍ର ବିଲୁପ୍ତ ହେବା ପୂର୍ବରୁ ଅନ୍ୟ ଏକ ପ୍ରକାରର ନୂତନ ପୁଲିଙ୍ଗ ଜିନ୍ ସୃଷ୍ଟି ହେଉଛି ଯାହାକି ଭବିଷ୍ୟତରେ ନୂତନ ବିବର୍ତ୍ତନବାଦର (Neo-Evolution) ପଥ ଉନ୍ମଚିତ କରିବ। ଅନୁବଂଶ ବିଜ୍ଞାନ ବିଶାରଦ, ମ୍ୟାଡ଼ମ ପ୍ରଫେସର ଜେନି ଗ୍ରେଭସ୍, ନିଜସ୍ୱ ଗବେଷଣା ଲବ୍ଧ ତଥ୍ୟକୁ ଆଧାର କରି ପ୍ରକାଶ କରିଛନ୍ତି ଯେ ପୁରୁଷ ପ୍ଲାଟିପାସ୍ ପ୍ରାଣୀର ‘XY’ ପୁଲିଙ୍ଗ ଗୁଣସୂତ୍ର ପ୍ରାୟ ଷୋହଳଶ ଲକ୍ଷ ବର୍ଷ ଧରି ‘Y’ ଗୁଣସୂତ୍ର ତା’ର ନିଜସ୍ୱ ନଅଶହ କାର୍ଯ୍ୟକ୍ଷମ ଜିନ୍‌ରୁ ହ୍ରାସ ପାଇ ପଞ୍ଚାବନ କାର୍ଯ୍ୟକ୍ଷମ ଜିନ୍‌ରେ ପହଞ୍ଚିଛି। ଏହ ପ୍ରକାର ଜଙ୍ଗଲୀ କ୍ଷୁଦ୍ର ପୁରୁଷ ମୂଷା ପ୍ରାୟ ୧୧୦ ଲକ୍ଷ ବର୍ଷ ଭିତରେ ତା’ର ପୁରୁଷ ଲିଙ୍ଗ ନିର୍ଣ୍ଣୟକାରୀ ‘Y’ ଗୁଣସୂତ୍ର ହରାଇ ସାରିଛି ବୋଲି ତାଙ୍କର ସଦ୍ୟ ପ୍ରକାଶିତ (୨୬/୦୮/୨୦୨୪) ଗବେଷଣା ନିବନ୍ଧରେ ସ୍ଥାନ ପାଇଛି।

‘Y’ ଗୁଣସୂତ୍ରର କ୍ରମଶଃ ଉଭାନ ହେବା ନିଶ୍ଚିତ ଭାବରେ ପୁରୁଷର ପ୍ରଜନନ ପ୍ରକ୍ରିୟାରେ ଘୋରି ବିପର୍ଯ୍ୟୟ ସୃଷ୍ଟି କରିପାରେ। ଫଳରେ ଜୀବ ବିବର୍ତ୍ତନ ଧାରାରେ ବୈପ୍ଳବିକ ପରିବର୍ତ୍ତନକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇ ନପାରେ। ମାତ୍ର ପ୍ରଶ୍ନ ହେଉଛି ଯେ ଏହି ପରିବର୍ତ୍ତନ କି ଭଳି ଓ କି ପ୍ରକାରର ନୂତନ ପ୍ରଜାତି ସୃଷ୍ଟି କରିବ। ବୈଜ୍ଞାନିକମାନେ ତାଙ୍କର ଗବେଷଣା ଜାରି ରଖିଛନ୍ତି। ସେମାନଙ୍କ ମତରେ ‘ଣ’ ଗୁଣସୂତ୍ରର ଅନୁପସ୍ଥିତିରେ ନୂତନ ପୁରୁଷ ନିର୍ଣ୍ଣୟକାରୀ ଗୁଣସୂତ୍ର ଅର୍ଥାତ୍ ‘G’ ବା ‘B’ ସୃଷ୍ଟି ହୋଇପାରେ ଅବା ଏକ ସ୍ୱତନ୍ତ୍ର ନୂତନ ପ୍ରଜାତିର ମଣିଷ ଆତ୍ମଲାଭ କରିପାରେ। ମାତ୍ର ପ୍ରକୃତିକ୍ଷମ ବିବର୍ତ୍ତନ ସଦା ଊର୍ଦ୍ଧ୍ୱଗାମୀ ଓ ସରଳୀକରଣରୁ ଜଟିଳକରଣ,



ଅନୁନ୍ନତରୁ ଉନ୍ନତ ଯଥା: ଏକ କୋଷରୁ (ଏମୋବା) ବହୁକୋଷୀ, ମାଛରୁ ବେଙ୍ଗ, ବେଙ୍ଗରୁ ଶରୀଶୃପ ଓ ଶରୀଶୃପରୁ ଉନ୍ନତ ପକ୍ଷୀ ଓ ଅତି ଉନ୍ନତ ସ୍ତନ୍ୟପାୟୀ। ମାତ୍ର 'Y' ଗୁଣସୂତ୍ର କ୍ରମଶଃ ଦୁର୍ବଳ ହେବା ବା ସଂଖ୍ୟା, ଆକାର ସର୍ବୋପରି ଜିନ୍ ସଂଖ୍ୟା କ୍ରମଶଃ ହ୍ରାସ ହେବା ନିଶ୍ଚିତ ଏକ ଅବାଞ୍ଛିତ, ଅପ୍ରାକୃତିକ ଜୀବ ଭବିଷ୍ୟତକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ମ୍ୟାଡ୍‌ମ ପ୍ରଫେସର ଜେନି ଗ୍ରେଭସ୍ ସତର୍କ କରାଇ ଦେଇଛନ୍ତି ଯେ ବିବର୍ତ୍ତନର ବିକାଶଜନିତ କ୍ରମିକ ପରିବର୍ତ୍ତନ ବର୍ତ୍ତମାନ ବିପଦପୂର୍ଣ୍ଣ ଦାୟିତ୍ୱ ବହନ କରିବା ସହିତ ସଂଶୟ ମଧ୍ୟ ଦେଇ ଗତି କରୁଛି (Evolution is fraught with risks), ପୁରୁଷ କ୍ଷେତ୍ରରେ ନୂତନ ଲିଙ୍ଗ





ନିର୍ଣ୍ଣୟକାରୀ ଜିନ୍ ବିବର୍ତ୍ତନର ମୌଳିକ ତଥା ବାସ୍ତବ ଆଭିମୁଖ୍ୟକୁ ଦୋହଲାଇ ଦେଇପାରେ। ତାଙ୍କ ମତରେ ଭବିଷ୍ୟତରେ ବହୁବିଧ ଅପ୍ରାକୃତିକ ପୁରୁଷ-ଲିଙ୍ଗ ନିର୍ଣ୍ଣୟକାରୀ ପ୍ରଣାଳୀ ହୁଏତ ପୃଥିବୀର ବିଭିନ୍ନ ଭୌଗଳିକ ଖଣ୍ଡରେ ପୁରୁଷ ପ୍ରଜନନ ଅଙ୍ଗରେ ଆବିର୍ଭାବ ହୋଇପାରେ। ସେ ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଭବିଷ୍ୟତରେ 'ଲିଙ୍ଗଗତ ଶୀତଳ ଜିନ୍ ଯୁଦ୍ଧ' (Cold war of the sex-genes) ସମ୍ଭବତଃ ମଣିଷ (Home sapiens) ପରେ ନୂତନ ଅଜଣା, ଅଶୁଣା ପ୍ରଜାତିର ଆବିର୍ଭାବ ହୋଇପାରେ।

ଏଠାରେ ପ୍ରଶ୍ନ ହେଉଛି, ଏଭଳି ବିବର୍ତ୍ତିତ ପରିବର୍ତ୍ତନ କେବଳ ପୁରୁଷର 'Y' ଗୁଣସୂତ୍ରରେ କାହିଁକି ଦେଖାଯାଉଛି ? ପୁରୁଷର 'X' ଗୁଣସୂତ୍ରରେ କାହିଁକି ଦେଖାଯାଉନି ? ପରିବର୍ତ୍ତିତ ବା ନୂତନ 'Y' ଗୁଣସୂତ୍ର ସ୍ତ୍ରୀର ସାଧାରଣ ଲିଙ୍ଗଗତ 'X' ଗୁଣସୂତ୍ର ସହିତ କିଭଳି ମିଳନ ଘଟନ୍ତି କି ପ୍ରକାରର ଶିଶୁ ସନ୍ତାନ ସୃଷ୍ଟି ହେବ କିମ୍ବା ସ୍ତ୍ରୀର 'X' ଗୁଣସୂତ୍ର ପ୍ରତିପକ୍ଷ ପରିବର୍ତ୍ତନ ବା ନୂତନ 'Y' ଗୁଣସୂତ୍ରକୁ ମିଳନ ସମୟରେ (ଊରକ୍ସ୍ୱପ୍ସସକ୍ଷସଚ୍ଛବପ୍ସସକ୍ଟଭ) ପ୍ରତ୍ୟାଖାନ କରିବନି ତ ? ଯଦି 'Y' ଗୁଣସୂତ୍ର ଆଂଶିକ ବା ସମ୍ପୂର୍ଣ୍ଣ ଅକାମି ହୋଇଯାଏ ତା'ହେଲେ ପୁରୁଷର 'X' ଗୁଣସୂତ୍ର ଓ ସ୍ତ୍ରୀର 'X' ଗୁଣସୂତ୍ର ସହିତ ମିଳନ ଘଟି ପୃଥିବୀ ପୃଷ୍ଠରେ କେବଳ ଶିଶୁକନ୍ୟା ହିଁ ଜନ୍ମଲାଭ କରିବ ଏବଂ ନାରୀ ପ୍ରାଧାନ୍ୟ ସମାଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଯଦି ଏମିତି ଘଟେ, ତା'ହେଲେ ପୁରୁଷହୀନ ସମାଜରେ ସମଲିଙ୍ଗ ଭଳି ଅପ୍ରାକୃତିକ ବିବାହ ବହୁଳ ଭାବରେ ଘଟିବ ଯାହା ପୃଥିବୀକୁ ଅନିଶ୍ଚିତ




ଭବିଷ୍ୟତ ଆଡ଼କୁ ଟାଣିନେବ ଓ ପରବର୍ତ୍ତୀ ସମୟରେ ପ୍ରତିପକ୍ଷ ପୁରୁଷର ଅନୁପସ୍ଥିତିରେ ନୂତନ ସନ୍ତାନ ସୃଷ୍ଟି ହୋଇ ନପାରେ। ଫଳରେ ମଣିଷ ଜାତି ଧୀରେ ଧୀରେ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ପୃଥିବୀ ପୃଷ୍ଠରେ ନୂତନ ବିବର୍ତ୍ତନ ଯୁଗର ଅୟମାରମ୍ଭ ହେବ (Neo-Evolution)। ମନେରଖିବାକୁ ହେବ ଯେ 'X' ଗୁଣସୂତ୍ର ଠାରୁ 'Y' ଗୁଣସୂତ୍ର ତୁଳନାତ୍ମକ ଭାବେ ଦୁର୍ବଳ। ପୁରୁଷ ଶିଶୁ ଗୁଣସୂତ୍ର ନିର୍ଣ୍ଣୟକାରୀ 'Y' ଗୁଣସୂତ୍ରର ଏଭଳି ଅଧୋଃପତନର ମୁଖ୍ୟ କାରଣ କ'ଣ ହୋଇପାରେ ? ଏହା ଉପରେ ବୈଜ୍ଞାନିକ ବିତର୍କ ଅନେକ ହୋଇ ସାରିଛି। ବୈଜ୍ଞାନିକଙ୍କ ମତରେ ଆଜିର ଅଧୁନାତନ ଯୁଗରେ ମଣିଷର ବ୍ୟସ୍ତବହୁଳ ଜୀବନଶୈଳୀର କୁପ୍ରଭାବ ଯୋଗୁଁ ମନସ୍ତାପ ଓ ମାନସିକ ଚାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗ କାଳରେ ମଣିଷ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହି ଶରୀରକୁ ସୁସ୍ଥ, ସବଳ ଓ ସତେଜ ରଖିପାରୁଥିଲା। ମାତ୍ର ଆଜିର ଯାନ୍ତ୍ରିକ ଯୁଗରେ ମଣିଷ ସହଜ, ସୁବିଧା ତଥା ସହସା ଦୈନନ୍ଦିନ ଦରକାରୀ ପଦାର୍ଥ ମିଳିଯାଉଥିବାରୁ ଅଳସୁଆର ଦଶବର୍ତ୍ତୀ ହୋଇ ବିବିଧ ମାନସିକ ତଥା ଶାରିରୀକ ବ୍ୟାଧିକୁ ଆମନ୍ତ୍ରଣ କରୁଛି। ଏଥିରେ ଇନ୍ଧନ ଯୋଗାଉଛି ଆଜିର ଯୁବ ସମାଜରେ ବହୁଳ ଭାବରେ ଦେଖାଯାଉଥିବା ନିଶାଦ୍ରବ୍ୟ ପାନ ଓ ନିଶା ସେବନ। ସେହିପରି ଆୟୁଷ କ୍ଷୟକାରୀ ସ୍ମାର୍ଟ ଫୋନ୍‌ର ଅବାରିତ ପ୍ରଚଳନ, ଆନ୍ତର୍ଜାତିକ ଖେଳ, ଘରେ, ବାହାରେ, ଶିକ୍ଷାଳୟ ଓ ବ୍ୟବସାୟିକ ତଥା ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ କମ୍ପ୍ୟୁଟର ଓ ସେଥିରୁ ନିର୍ଗତ ସ୍ୱାସ୍ଥ୍ୟହାନିକ କିରଣ ସିଧାସଳଖ ମସ୍ତିଷ୍କ କୋଷ ଉପରେ କୁପ୍ରଭାବ ପକାଇଥାଏ। ବିବାହ ପରେ ନବବିବାହିତା ପତ୍ନୀ ବା ସ୍ୱାମୀ






ନିଜସ୍ୱ ସୌନ୍ଦର୍ଯ୍ୟ ନଷ୍ଟ ହେବା ଭୟରେ ଗର୍ଭନିରୋଧି ବଟିକା ବା ଗର୍ଭନିରୋଧକ ଦ୍ରବ୍ୟ ବ୍ୟବହାରର ପ୍ରତିକୂଳ ପ୍ରଭାବ ନାରୀ ଓ ପୁରୁଷ ଶରୀରର ଜୀବରସ ଉପରେ ପଡ଼ିଥାଏ। ଫଳରେ ଜୀବରସରେ ଅସନ୍ତୁଳନ ଅବସ୍ଥା ସୃଷ୍ଟି ହୁଏ। ଏହା ସହିତ ପରିବେଶ ପ୍ରଦୂଷଣ, ବିଶ୍ୱ ତାପମାତ୍ରା ବୃଦ୍ଧି, ସବୁଜ ଘରର ପ୍ରଭାବ, ଅତ୍ୟଧିକ ଦୂଷିତ ଅଣଧାତବ ନିର୍ଗମନର ମିଳିତ ପ୍ରତିକୂଳ ପ୍ରଭାବ 'Y' ଗୁଣସୂତ୍ରର ମୌଳିକ ଧର୍ମ ନଷ୍ଟ ହେବାର ବା ଉଭାନ ହେବାର କାରଣ ହୋଇପାରେ।

ଆମେ ପୃଥିବୀବାସୀ ହୃଦୟଙ୍ଗମ କରିବା ଉଚିତ୍ ଯେ ଶରୀର ଏକ କର୍ମଶାଳା। ଏହାର ମୌଳିକ ନିୟମ ହେଉଛି, ଶରୀରର ପ୍ରତ୍ୟେକ ଅଙ୍ଗ ସହିତ ପ୍ରତ୍ୟେକ ଅଙ୍ଗର ସମନ୍ୱୟ ରହିବା। ଫଳରେ ସମସ୍ତ ଶରୀର କ୍ରିୟା ସଠିକ୍ ଭାବରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ। ମାତ୍ର ଆଜିର ଆଧୁନିକ ମଣିଷ ବିଭିନ୍ନ ଉପାୟରେ ନିଜର ଶରୀର ଉପରେ ଅତ୍ୟାଚାର କରି ଚାଲିଛି। ଯାହା ଦ୍ୱାରା ପ୍ରାକୃତିକ ଶରୀର କ୍ରମଶଃ ଅପ୍ରାକୃତିକ ହେବାରେ ଲାଗିଛି। ମଣିଷ ଜାତିକୁ ବଞ୍ଚାଇ ରଖିବାକୁ ହେଲେ ବିଶ୍ୱର ପ୍ରତ୍ୟେକ ମଣିଷ ନିଜ ନିଜର ଜୀବନଶୈଳୀର ପରିବର୍ତ୍ତନ ସହିତ ସୁସ୍ଥ, ସାବଲୀଳ ତଥା ସରଳ ଜୀବନ ପ୍ରଣାଳୀକୁ ଆପଣେଇବାକୁ ପଡ଼ିବ, ଆପଣେଇବାକୁ ପଡ଼ିବ ଶାନ୍ତି ଓ ପ୍ରଗତିର ପଥ। ବିବର୍ତ୍ତନ ପଥକୁ ଚାପଶୂନ୍ୟ ତଥା ଚିରସବୁଜ ସହ ବିକାଶିତ କରିବାକୁ ପଡ଼ିବ। ଏଥିରୁ ଅନ୍ୟଥା ହେଲେ ବିବର୍ତ୍ତନ ପଥହରା ହୋଇ ହୁଏତ ନୂତନ ଓ ଉନ୍ନତ ପ୍ରଜାତି ସୃଷ୍ଟିରେ ଅନ୍ତରାୟ ସୃଷ୍ଟି ହୋଇପାରେ କିମ୍ବା ଏକ ଅନୁନ୍ନତ ବିକଳାଙ୍ଗ ପ୍ରଜାତିର ଜୀବ ଏ ପୃଥିବୀ ଆଗାମୀ ଦିନରେ ଦେଖିବ। କେଉଁ ପଥ ଅବଲମ୍ବନ କରିବେ ଏହାର ବିଚାର ଆପଣମାନେ କରନ୍ତୁ। କାହାରି ସୃଷ୍ଟି, ସ୍ଥିତି ଗତିବିଧିରେ କିଛିମାତ୍ର ବ୍ୟତିକ୍ରମ ନହେଉ। ଯେଉଁ ଭୁଖଣ୍ଡର ଜଳବାୟୁରେ ଯେଉଁ ଜୀବଜନ୍ତୁ





ଜନ୍ମଲାଭ କରିବାର କଥା ତାହା ବିବର୍ତ୍ତନର ନିୟମରେ ହେଉ। ଶୀତରେ, ଗ୍ରୀଷ୍ମରେ, ବର୍ଷାରେ ଜୀବଜନ୍ତୁ ସର୍ବୋପରି ମଣିଷ ପ୍ରକୃତିର ନିୟମରେ ନିୟତ ହେଉଥାନ୍ତୁ।

ଏକବିଂଶ ଶତାବ୍ଦୀର ଆହ୍ୱାନ। ନାନା ସମସ୍ୟାବହୁଳ, ନାନା ଘନଘଟା ବହୁଳ ଆମର ଆଜିର ବିଶ୍ୱ। ପର୍ଯ୍ୟାବରଣୀୟ ଅସନ୍ତୁଳନ, ବିଶ୍ୱତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଆଣବିକ ଯୁଦ୍ଧ ଆଶଙ୍କା, ଅର୍ଥନୈତିକ ବୈଷମ୍ୟ ଓ ସର୍ବୋପରି ଉଦ୍‌ବେଗ ଜନକ କୃତ୍ରିମ ବୁଦ୍ଧିମତ୍ତାର ଅନିୟନ୍ତ୍ରିତ ବ୍ୟବହାର, ସବୁ କିଛି ଆଜି ବିବ୍ରତ, ଅସ୍ଥିର ଓ ଅସହାୟ କରୁଛି ବିଶ୍ୱବାସୀଙ୍କୁ। ଏହାର ପ୍ରତିକୂଳ ପ୍ରଭାବ ପଡୁଛି ପୁରୁଷର ଲିଙ୍ଗଗତ ଦୁର୍ବଳ 'Y' ଗୁଣସୂତ୍ର ଉପରେ। କେବଳ ମଣିଷ ଜାତି କାହିଁକି ପୃଥିବୀ ପୃଷ୍ଠରେ ଥିବା ସମୁଦାୟ ପ୍ରାଣୀଜଗତ ଊଣାଅଧିକେ ଏହାଦ୍ୱାରା ଘୋର ପ୍ରଭାବିତ ହେବେ।

ଅଧୁନା ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଘୋର ଘର୍ଘର ଜୟଯାତ୍ରାରେ ଆମେ ମଣିଷ ପ୍ରାୟ ଆତ୍ମବିସ୍ମୃତ ହୋଇ ପଡୁଥିବା ବେଳେ, ଯନ୍ତ୍ର ପିତୁଳା ପରି ବଞ୍ଚିଥିବା ବେଳେ କାହିଁକି କେଜାଣି ଆମର ଅଜଣାତରେ ପୁରୁଷ ବୀର୍ଯ୍ୟର କ୍ଷୟ ଓ କାର୍ଯ୍ୟହୀନତା ଧୀରେ ଧୀରେ ଆମଠୁ ସୃଷ୍ଟି ନୂତନ ସୃଷ୍ଟିର ଜନ୍ମଗତ ଅଧିକାରକୁ ସଂକୁଚିତ କରି ଦେଉଛେ- ଏଭଳି ବିରଳ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ। କଥାରେ ଅଛି, 'ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ !'

ମନେ ହେଉଛି ଅଶନି ସଙ୍କେତର ସୂଚନା ମିଳି ସାରିଲାଣି। ସବୁକିଛି ଶୂନ୍ୟଗର୍ଭ, ସବୁକିଛି ଭୟଙ୍କର ଭାବରେ ବିରୋଧାଭାସାକ୍ରାନ୍ତ ଅରାଜକ ଓ ଅନିଶ୍ଚିତ। ଆଜିର ଡିଜିଟାଲ ଦୁନିଆ କ୍ଷଣକୁ କ୍ଷଣ ସୃଷ୍ଟି କରି ଚାଲିଛି ନୂତନ ଧରଣର ମାନସିକ ଚାପ, ନୂତନ ଧରଣର ବିରକ୍ତି ଓ କ୍ଲାନ୍ତି ଏବଂ ଏକକୀତ୍ୱବୋଧ। ଫଳରେ ଆମ ଶରୀରର ପ୍ରଜନନ ପ୍ରକ୍ରିୟା ଧୀରେ ଧୀରେ ଦୁର୍ବଳ ହେଉଛି। ପୁରଷ୍ୟ ଶୂନ୍ୟ ପୃଥିବୀର ପରିକଳ୍ପନା ଧୀରେ ଧୀରେ ବାସ୍ତବ ରୂପରେଖା ନେବାର ଧାରଣା ସୃଷ୍ଟି ହେଉଛି। ତେଣୁ ନେଡ଼ି ଗୁଡ଼ କହୁଣିକି ବୋହିଯିବା ଆଗରୁ ସତର୍କତା ଅବଲମ୍ବନ କରିବା ଜଣେ ବିଚାରବନ୍ତ ମଣିଷର କର୍ତ୍ତବ୍ୟ ହେବା ଉଚିତ। ବୈଜ୍ଞାନିକମାନେ ବିଜ୍ଞାନାଗାରରେ ଗବେଷଣା ଜାରି ରଖିଛନ୍ତି କେମିତି ବିଶ୍ୱକୁ ଏଭଳି ଏକ ଘୋର ବିପର୍ଯ୍ୟୟରୁ ରକ୍ଷା କରିବେ।

ସେଥିପାଇଁ ଆମେ ସଦା ଯତ୍ନବାନ ହେବା ଉଚିତ୍ ଯେ କାହାର ସୃଷ୍ଟି, ସ୍ଥିତି ଗତିବିଧିରେ କିଛିମାତ୍ର ବ୍ୟତିକ୍ରମ ନହେଉ। ଯେଉଁ ଭୂଖଣ୍ଡର ଜଳବାୟୁରେ ଯେଉଁ ଜୀବଜନ୍ତୁ ଜନ୍ମଲାଭ କରିବାର କଥା ତାହା ବିବର୍ତ୍ତନରେ ନିୟମରେ ହେଉ। ଶୀତରେ, ଗ୍ରୀଷ୍ମରେ, ବର୍ଷାରେ ଜୀବଜନ୍ତୁ ସର୍ବୋପରି ମଣିଷ ପ୍ରକୃତିର ନିୟମରେ ନିୟତ ହେଉଥାନ୍ତୁ।

ଆମେ ବିଶ୍ୱବାସୀ ନିଷ୍ପତ୍ତି ନେବାକୁ ହେବ ଯେ ଜୀବନ ପଥରେ ବହୁ ଦୂର ଚାଲିବାକୁ ପଡ଼ିବ, କଣ୍ଟକିତ ରାସ୍ତାରେ ଆଗକୁ ଅଗ୍ରସର ହେବାକୁ ପଡ଼ିବ। ପ୍ରକୃତିର ନିୟମକୁ ସମ୍ମାନ ଦେବାକୁ ପଡ଼ିବ। ତା'ହେଲେ ଯାଇ କ୍ରମବିବର୍ତ୍ତନବାଦର ଲକ୍ଷ୍ୟ ପୂରଣ ହୋଇପାରିବ, ନୂତନ ସୃଷ୍ଟିର ପରିପ୍ରକାଶ ଯୁଗ ଯୁଗ ଧରି ସମ୍ଭବ ହୋଇପାରିବ।

**ପରିବେଶ ବିଜ୍ଞାନୀ, ମୋ- ୯୪୩୮୬୨୧୩୯୧**

## ମନକୁ ଆସିଲା ଯାହା ୭

# କୁମ୍ଭମେଳା.. ଯାହାପାଇଁ ଯେମିତି



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଓଃ..ଏତେ ଲୋକ..ଏତେ ଭିଡ଼..। ଏ ଗହଳି ଭିତରେ ଆମେ ପଶିପାରିବା ତ'। ସହର ସାରା ଅବସ୍ଥା ଅସମ୍ଭାଳ। ନା ଆଗକୁ ବଢ଼ିହେଉଛି, ନା ପଛକୁ ଫେରିହେଉଛି। ଅଗତ୍ୟା ସେଇଠୁ ହିଁ ଚାଲିଚାଲି ଆଗକୁ ବଢିବାର ଯୋଜନା ବନିଲା। ତ୍ରିବେଣୀ ସଙ୍ଗମ ପରା ଏଠୁ ୧୮ କିଲୋମିଟର ଦୂର। ଦୋଦୋପାଞ୍ଚ ହେଇ ଆମେ ଆଗକୁ ବଢ଼ିଲୁ। ପାଦେପାଦେ ଆଗକୁ ବଢୁଥାଉ ଓ ଆମ ଚାରିପଟେ ଜନସମୁଦ୍ର ବଢିବାର ଦେଖୁଥାଉ। ପ୍ରଶାସନ ସିନା ଜାଗେଜାଗେ ବ୍ୟାରିକେଡ଼ କରି ବଡ଼ଗାଡ଼ି ସବୁ ଅଟକେଇଦେଇଛି, କିନ୍ତୁ ପାଦଚଲା ପଥଚାରୀଙ୍କର ବି ଅସମ୍ଭବ ଭିଡ଼। ଯାହାକହନ୍ତି ସୋରିଷ ପକେଇବାକୁ ବି ଜାଗା ନାହିଁ। ମୁଁ ରଥଯାତ୍ରାର ଅସମ୍ଭାଳ ଭିଡ଼ ଦେଖିଛି, କିନ୍ତୁ ଯେ ତ' ତାଠାରୁ ବି ଶହେଗୁଣ ଅଧିକ ଭିଡ଼।

ହଠାତ୍ କେହିଜଣେ ମୋ ହାତକୁ ଟାଣିଲା ଓ କହିଲା, ଏମିତି ଚାଲିକି ଗଲେ ବି, ସଙ୍ଗମ ରେ ପହଞ୍ଚିବାକୁ ୨ ଦିନ ଲାଗିଯିବ। ମୁଁ ମଟରସାଇକେଲରେ ବସେଇ ଗଳିକନ୍ଦି ଦେଇ ନେଇଯିବି। ଜଣପିଛା ୫୦୦ ନେବି କିନ୍ତୁ ଏତେ ପାଖରେ ଛାଡ଼ିଦେବି ଯେ, ଚାଲିବାର କଷ୍ଟ ବାଧିବନି। ମୁଁ ଚିନ୍ତାକଲି ଶରୀରକଷ୍ଟ, ପ୍ରାଣପୀଡା ଓ ପାଦଯନ୍ତ୍ରଣା ଅପେକ୍ଷା ଅର୍ଥହାନୀ ନିଶ୍ଚୟ ଉତ୍ତମ ନିଷ୍ପତ୍ତି।

ଘଟଣାଟି ମୋଟାମୋଟି ଏୟା ଯେ, ତୀର୍ଥରାଜ ପ୍ରୟାଗରେ ୧୪୪ ବର୍ଷ ପରେ ଏବେ ଚାଲିଛି ମହାକୁମ୍ଭମେଳା। ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀର ସଂଗମରେ ମୌନୀ ଅମାବାସ୍ୟା ଦିନ ପଡୁଛି ଅମୃତ ସ୍ନାନଯୋଗ। ଏଣୁ ଜଣେ ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଯିବାକୁ ସ୍ୱାଭାବିକ ଆଗ୍ରହ। ଟ୍ରେନରେ ଅସମ୍ଭାଳ ଭିଡ଼କୁ ଟିକେଟ ନାହିଁ। ବିମାନଭଡା ଆକାଶଛୁଆଁ। ଭୁବନେଶ୍ୱରରୁ ପ୍ରୟାଗ ଯିବାର ଜଣପିଛା ଭଡ଼ା ଖାଲି ୪୫୦୦୦। ସରକାରୀ ବସରେ ଆଗୁଆ ସିଟ କେବେଠୁଁ ସରିଯାଇଛି, ପୁଣି ଅଲଗା ସାଧାରଣ ବସ ସବୁ ଯାଉଛନ୍ତି ଯେ, ସେଥିରେ ବି ସ୍ଥାନ ନାହିଁ। ଏଣୁ ଏକମାତ୍ର ବିକଳ୍ପ ନିଜ ଗାଡ଼ି ଧରି ବାହାରିଯିବା। ଭଦ୍ରକରୁ ବାହାରିଲୁ ରାତି ୮ରେ । ଯୋଜନା ଥିଲା, ବାରାଣସୀରେ ସକାଳ ସୁଦ୍ଧା ପହଞ୍ଚିଯିବୁ। କିନ୍ତୁ ବାରିପଦା, ଟାଟା, ରାଞ୍ଚି ପାର ହୋଇ ଝାରଖଣ୍ଡ ସୀମା ଟପିଲା ବେଳକୁ ରାତି ୪ ଟା। ତାପରେ ବିହାର ଭିତରେ ପ୍ରତି ୨୦ କିମିରେ ଟ୍ରାଫିକ ଭିଡ଼ରେ ଫସି ଚନ୍ଦୌଲି ପାଖରେ ଉତ୍ତରପ୍ରଦେଶ ସୀମା ଧରିଲା ବେଳକୁ ସନ୍ଧ୍ୟା ହେଲାଣି। ପୁଣି ଯୋଜନାର ପରିବର୍ତ୍ତନ, ଆଉ ପ୍ରୟାଗରାଜ ଯାଇହେବ ନାହିଁ। ସେଇ ଚନ୍ଦୌଲି ଠାରୁ ଆଉ ୨୫ କିମି ଦୂରରେ ବାରାଣସୀରେ ରାତିଟା କଟେଇ ପରଦିନ ଆଉ ବାକି ୧୨୦ କିମି ଯିବା। ସେ ବି କେଉଁ ସହଜ କଥା କି ? ଧୀରେ ଧୀରେ ଭିଡକାଟି ଓ ଯଥାସମ୍ଭବ ରାଜରାସ୍ତାକୁ ନଛୁଇଁ ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଗାଁ ଗହଳି ରାସ୍ତାରେ ଯାଇ, ବାରାଣସୀରେ ପହଞ୍ଚିଲୁ ରାତି ୯ଟାରେ। ସାମାନ୍ୟ ବିଶ୍ରାମ ନେଇ ପୁଣି ସକାଳୁ ବାହାରିଲୁ ଯେ, ପ୍ରୟାଗରାଜର ୧୮ କିମି ପୂର୍ବରୁ ଝୁସିରେ ପହଞ୍ଚିବାକୁ ଲାଗିଗଲା ୬ ଘଣ୍ଟା ।

ଏଇଠୁ ଆଗକୁ ଗାଡିମଟର ବନ୍ଦ। ସମସ୍ତଙ୍କୁ ଚାଲି ଚାଲି ଯିବାକୁ ହେବ। ପୁଣି ସମସ୍ତେ ତ୍ରିବେଣୀ ସଂଗମରେ ବୁଡପକେଇବାକୁ ବ୍ୟଗ୍ର। ନା ଗଙ୍ଗାରେ, ନା ଯମୁନାରେ..ସମସ୍ତଙ୍କୁ ତ୍ରିବେଣୀ ହିଁ ଦରକାର। ଆମେ ଆଖଡ଼ା ପରେ ଆଖଡ଼ା ଡେଇଁ, ମେଳାର ସେକ୍ଟର ପରେ ସେକ୍ଟର ପାରି ହେଇ ୨୨ ନମ୍ବର ଘାଟରେ ଠିକ ତ୍ରିବେଣୀ ସଙ୍ଗମ ନିକଟରେ ପହଂଚି ଗୋଟେ ରାସ୍ତା କଡ଼ରେ ବସିରହିଲୁ ଅମୃତକାଳର ଅପେକ୍ଷାରେ। ରାସ୍ତାରେ ଯାଉଥିବା ଭିଡ଼ରେ ଆମେ ଧୂଳି ଧୂସରିତ ହୋଇସାରିଥାଉ, କିନ୍ତୁ ମନରେ ଉତ୍କଣ୍ଠା ଅମୃତ କାଳରେ କୁମ୍ଭସ୍ନାନ। କାହିଁ କେତେଜନ୍ମର ପୁଣ୍ୟଥିଲେ ଯେ ଏମିତି ସୌଭାଗ୍ୟ ମିଳେ, ଏକଥା ଚିନ୍ତା କରୁକରୁ ରାତି ପ୍ରାୟ ୧୨ ଟା ବାଜିସାରିଥାଏ।

ଏତିକିବେଳେ ମାଇକରେ ଘୋଷଣା ହେଲା, ଅମୃତକାଳ ଆରମ୍ଭ ହୋଇସାରିଛି। ଏଥର ଆଉ ଭିଡ଼କୁ ସମ୍ଭାଳେ କିଏ.. ଯିଏ ଯେମିତି ପାରିଲା, ବାଲିବସ୍ତା ଡେଇଁ, ବ୍ୟାରିକେଡ଼ ଭାଙ୍ଗି, ପାଣିରେ ପଶିବାକୁ ବ୍ୟଗ୍ର। ଜାନୁୟାରୀ ୨୮ର ଶୀତରାତି, ପୁଣି ଘନକୁହୁଡ଼ି ଆଉ ତାପମାତ୍ରା ୨ଡିଗ୍ରୀ। ଶିରି ଶିରି ହେଇ ନଈ ପବନ ବୋହି ଦେହକୁ କାଲୁଆ କରିପକାଉଛି। ତଥାପି କୋଟି କୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଯେ, ଅମୃତ କାଳରେ ସଙ୍ଗମରେ ବୁଡପକେଇବେ ଓ ସେଥିପାଇଁ ଯେତେ କଷ୍ଟ ହେଲେ ବି ସହିବାକୁ ତୟାର ସମସ୍ତେ ।

ହଠାତ ଆଖିରେ ପଡିଲା, ଗୋଟେ ଚିହ୍ନା ଚେହେରା। ଆରେ, ଯେ ତ' ଓଡିଶାର ଜଣେ ମାନ୍ୟବର ବିଧାୟକ। ତାଙ୍କୁ ପଚାରିଲି ତ' ସେ ବି ଗାଡ଼ି ରେ ସପତ୍ନୀକ ଆସି ସମଦଶାରେ ଫସିଥିବାର କହିଲେ। ତାଙ୍କପାଇଁ ଯେଉଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା, ସେ ଭିଡ଼ ଯୋଗୁଁ ସେଠାରେ ପହଞ୍ଚି ପାରିନାହାନ୍ତି। ଯେଉଁଠି ପିମ୍ପୁଡ଼ି ଗଳିବାର ଯୁ ନାହିଁ, ସେଠି ଆଉ ଅଧିକ କ'ଣ ବା ଆଶା କରାଯାଇପାରେ। ଯେନତେନ ପ୍ରକାରେଣ ବୁଡ଼ପକେଇ ଫେରିବାର ପାଳି। ଅତଏବ ମୌନୀ ଅମାବାସ୍ୟାର ଅମୃତ ବେଳାରେ ଆମେ ସଙ୍ଗମରେ ବୁଡପକେଇ ବାହାରିଆସିଲୁ। ହଠାତ କୁଆଡୁ କେଜାଣି ଲକ୍ଷ ଲକ୍ଷ ଲୋକ ମାଡ଼ିଆସିଲେ। ଆମ ଆଖିସାମନାରେ ଦଳାଚକଟା। ଲୋକ ତଳେ ପଡିଛନ୍ତି ମୁହଁ ମାଡ଼ି, ଆଉ ଉପରେ ଲୋକ ଚଢ଼ି ଆଗକୁ ମାଡିଯାଉଛନ୍ତି। ଆମେ ନିଜ ଜୀବନ ବଞ୍ଚେଇ ପ୍ରାଣବିକଳରେ ଫେରୁଥାଉ। ଜାଣି ନଥାଉ ଯେ, ଆମ ପଛପଟେ ଏକ ବିରାଟ ଅଘଟଣ ଘଟିସାରିଛି। ଭିଡ଼ରେ ଚାପିହୋଇ ୩୦ ଜଣ ମରିସାରିଛନ୍ତି ଆଉ ଶହଶହ ଲୋକ ଆହତ ହୋଇ ଡାକ୍ତରଖାନାକୁ ବୁହାଚାଲିଛନ୍ତି। ପୁଲିସ ପ୍ରଶାସନ ତତ୍ପର ହୋଇ ଘାଟସବୁ ଖାଲି କରିବାରେ ଲାଗିଗଲେ ଓ ସାଧୁ ସନ୍ଥଙ୍କର ସାହିସ୍ନାନକୁ ତୁରନ୍ତ ରଦ୍ଦ କରିଦିଆଗଲା।

ସେଦିନ ରାତିରେ କୁଆଡେ ୧୨ କୋଟି ଲୋକ ବୁଡ ପକେଇବାକୁ ଜମା ହୋଇଥିଲେ ପ୍ରୟାଗରାଜ ସହରରେ। ଆକାଶମାର୍ଗରୁ ହେଲିକପ୍ଟର, ସ୍ଥାନେ ସ୍ଥାନେ ୱାଚଟାୱାର, ପୁଣି ମାଳ ମାଳ ସିସିଟିଭି କ୍ୟାମେରାରେ ନିରୀକ୍ଷଣ କରାଯାଉଥିଲା। କିନ୍ତୁ ୧ ଲକ୍ଷ ପୋଲିସ ବି କମ୍ ପଡ଼ିଯିବେ ଏତେ ବଡ ଭିଡ଼କୁ ସମ୍ଭାଳିବା ପାଇଁ। ଚା କପ୍ ଗୋଟା ୫୦ ଟଙ୍କା, ପାଣିବୋତଲ ଗୋଟା ୧୦୦ ଟଙ୍କା, ତଳେ ବିଛେଇବାକୁ ସାମାନ୍ୟ ଜରିଖଣ୍ଡେ ୫୦ ଟଙ୍କା ପୁଣି କୁଟା (ନଡ଼ା) ଗୋଟେ ବିଡ଼ାକୁ ୧୦୦ ଟଙ୍କା..ଏସବୁ ସମ୍ଭବ କେବଳ କୁମ୍ଭମେଳାର ବଜାରରେ।

ଆମ ଯିବା ଠାରୁ ଫେରିବା ଥିଲା ଆହୁରି ଯନ୍ତ୍ରଣାଦାୟକ। ଗାଡ଼ି ପାର୍କିଂ ପାଖରେ ପହଞ୍ଚିବାକୁ ତ' ଲାଗିଲା ୪ ଘଣ୍ଟା, ସେଠୁ ପୁଣି ଗାଡ଼ି ବାହାରକରି ମୁଖ୍ୟରାସ୍ତା ଧରିବାକୁ ଆଉ ୨ ଘଣ୍ଟା। ବାରାଣସୀରେ ପହଞ୍ଚିଲା ବେଳକୁ ପରଦିନ ୨ ଟା ବାଜିସାରିଥିଲା। ସାମାନ୍ୟ ବିଶ୍ରାମ ନେଇ ସେଠୁ ସନ୍ଧ୍ୟାରେ ବାହାରିଲୁ ଯେ, ରାଞ୍ଚି, ଟାଟା ଓ ବାରିପଦା ହେଇ ଭଦ୍ରକରେ ପହଞ୍ଚିବାକୁ ଲାଗିଗଲା ପ୍ରାୟ ୩୬ ଘଣ୍ଟା । ୫-୬ ଦିନ ଗାଡ଼ିରେ ବସିବସି ଅଣ୍ଟାପିଠି ଦରଜ, କିନ୍ତୁ ମନରେ ଶାନ୍ତି ଯେ, ମୌନୀ ଅମବାସ୍ୟାର ପବିତ୍ର ତିଥିରେ ତ୍ରିବେଣୀ ସଙ୍ଗମରେ ଅମୃତ ସ୍ନାନ କରିପାରିଛି। କେବଳ ଭିଡ଼କୁ ଛାଡ଼ିଦେଲେ, ଆଉ କୌଣସି ଗୁରୁତର ଅସୁବିଧା ହୋଇନାହିଁ। ଅଘୋରୀ ଓ ନାଗା ସାଧୁମାନଙ୍କୁ ଦେଖିଛୁ, ବିଭିନ୍ନ ଆଖଡ଼ାରେ ଚାଲିଥିବା ସତସଙ୍ଗ ପ୍ରବଚନ ଶୁଣି ଲଙ୍ଗରରେ ଖାଇଛୁ। ଶୁଣିଛୁ ଅନେକ ବିଚିତ୍ର ବାବାଙ୍କ କାରନାମା ସବୁ। ମହନ୍ତ ଦେବଗିରି (ରାବିଡ଼ି ବାବା) ସକାଳୁ ସଞ୍ଜ ପର୍ଯ୍ୟନ୍ତ ଭକ୍ତଙ୍କୁ ନିଜେ ତିଆରି କରି ରାବିଡ଼ି ବାଣ୍ଟୁଛନ୍ତି ପୁଣି ଗୋଲଡେନ୍ ବାବାଙ୍କର ୫ କିଲୋ ଓଜନର ସୁନା ଗହଣା ପିନ୍ଧିଥିବାର ଦେଖିବାକୁ ଜନଗହଳି। ଋଷିଆରୁ ଆସି ସନ୍ୟାସୀ ହୋଇଥିବା ଆତ୍ମପ୍ରେମଗିରି ମହାରାଜଙ୍କ ପରି ପହିଲମାନ ବାବା ହୁଅନ୍ତୁ କି ଅଭିନେତ୍ରୀ ରୁ ସାଧ୍ୱୀ ପାଲଟିଥିବା ମମତା କୁଲକର୍ଣୀ ହୁଅନ୍ତୁ, ଏମାନଙ୍କ ପାଖେ ଭିଡ଼ ଜମିବା ତ' ସ୍ୱାଭାବିକ । ଆମ୍ବାସାଡର୍ ବାବା ଆଉ ଆଇଆଇଟିଆନ ବାବା (ଅଭୟ ସିଂହ) ଙ୍କ କଥା ତ' ଆପଣ ଶୁଣିଥିବେ ନିଶ୍ଚୟ। କବୁତରୱାଲେ ବାବା (ରାଜପୁରି ମହନ୍ତ) ବସେଇଛନ୍ତି ନିଜ କାନ୍ଧରେ ଗୋଟେ ଧଳା ପାରା ପୁଣି ଅନାଜୱାଲେ ବାବା ନିଜ ମୁଣ୍ଡରେ ଲଗାଇଛନ୍ତି ଧାନ, ଗହମ ଓ ମଟର ପରି ଫଳନ୍ତି ଗଛ। ରୁଦ୍ରାକ୍ଷୱାଲେ ବାବାଙ୍କ ଦେହରେ ୧୩୦୦୦ରୁ ଅଧିକ ରୁଦ୍ରାକ୍ଷ ମାଳ ଗୁଡ଼େଇ ହେଇଛି, ତ' କାଣ୍ଟୋୱାଲେ ବାବା ମହାଆନନ୍ଦରେ ଶୋଇଛନ୍ତି ବବୁରି କଣ୍ଟାର ଶେଯରେ। ଏନଭିରନମେଣ୍ଟ (ପରିବେଶ) ବାବା ମୋକ୍ଷଗିରି ଅରୁଣ ପୁରୀ ବାଣ୍ଟିସାରିଲେଣି ୧୦ ଲକ୍ଷରୁ ଅଧିକ ଚାରା, ପୁଣି ଚାୟୱାଲେ ବାବା ଦିନକୁ ୨୦ କପ୍ ଚା' ଖାଲି ପିଇ ହ୍ୱାଟ୍ସଆପ୍ ମାଧମରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଜୁନା ଆଖଡ଼ା, କିନ୍ନର ଆଖଡ଼ା, ନିରଞ୍ଜନି ଆଖଡ଼ା ପରି ଅନେକ ସାଧୁସନ୍ଥଙ୍କର ବିଚିତ୍ର ବେଶଭୂଷା ଓ ଲୀଳା ଦେଖି କେବଳ ଆଚମ୍ବିତ ହେବାଛଡ଼ା ଅନ୍ୟ ବାଟ ନାହିଁ ।

ଆମ ଫେରିବା ବାଟରେ କେହିଜଣେ ଚିତ୍କାର କରି କହୁଥାଏ, 'ଅତି ଖରାପ ଅବସ୍ଥା..ବଡ଼ ଅବ୍ୟବସ୍ଥା..।' ମୁଁ କାରଣ ପଚାରିବାରୁ, ସେ କହିଲା, 'କଥାରେ ଅଛି, କୁମ୍ଭମେଳାରେ ଲୋକ ହଜିଯାଆନ୍ତି ଭିଡ଼ରେ। ଭାଇ ଠୁଁ ଭାଇ, ସ୍ୱାମୀ ଠୁଁ ସ୍ତ୍ରୀ, ବାପା ଠୁଁ ପୁଅ..ଅଲଗା ହେଇଯାଆନ୍ତି ଯେ, ଆଉ ମିଳନ୍ତିନି। କିନ୍ତୁ ମୁଁ ମୋ ସ୍ତ୍ରୀକୁ ଗତ ୪ ଘଣ୍ଟା ଭିତରେ ୩ ଥର ସେଇ ମେଳାର ଭିଡ଼ ଭିତରେ ଛାଡ଼ିଦେଇ ପଳେଇଆସୁଛି ଯେ, ପ୍ରତିଥର ସ୍ୱେଚ୍ଛାସେବୀ ମାନେ ଖୋଜିଖୋଜି ଆଣି ମୋତେ ହିଁ ଧରେଇ ଦେଇ ଯାଉଛନ୍ତି। ସେ ଜମା ବି ହଜୁନାହିଁ। ମୋର କୁମ୍ଭ ଉପରୁ ଆସ୍ଥା ହିଁ ଭାଙ୍ଗିଯାଇଛି, ଏ ପ୍ରକାର ଅବ୍ୟବସ୍ଥା ଦେଖି।'

ମୁଁ ଏକଥା ଶୁଣି ହସିବି ନା କାନ୍ଦିବି ବୁଝିପାରିଲିନି। ସେତେବେଳକୁ କୁମ୍ଭମେଳା, ଜନସମୁଦ୍ର, ତ୍ରିବେଣୀ ସଙ୍ଗମ..ଏସବୁ ରହି ଯାଇଥାଏ ବେଶ୍ କିଛି ପଛରେ। ମୁଁ ଭାବିବାକୁ ଲାଗିଲି.. ସତରେ.. କୁମ୍ଭମେଳା..ଯାହା ପାଇଁ ଯେମିତି..!!

**ଛାଇ, ଜଗନ୍ନାଥ ବିହାର,**
**ଭଦ୍ରକ, ମୋ- ୭୦୦୮୬୦୧୧୬୧**

ଫ୍ୟାସନ୍

ଶୀତ ଋତୁରେ ଓଠ ଫାଟିବା ଏବଂ ଶୁଖିବା ଭଳି ସମସ୍ୟା ଦେଖାଯାଏ। ଶୀତଦିନେ ଓଠ ଫାଟିବାର କାରଣ ହେଲା ଡିହାଇଡ୍ରେସନ୍ ଅଟେ। ସାଧାରଣିତଃ ସମସ୍ତେ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଲିପ୍ ବାମ୍ କିଣି ବ୍ୟବହାର କରନ୍ତି। କିନ୍ତୁ ଆପଣମାନେ ଘରୋଇ ଉପଚାରରେ ଲିପ୍ ବାମ୍ ପ୍ରସ୍ତୁତ କରିପାରିବେ। ଏହା ଆପଣଙ୍କ ଓଠକୁ ଗରମ ରକ୍ଷିବା ସହିତ ପିଙ୍ଗ୍ କଲର୍ କରିବାରେ ସାହାଯ୍ୟ କରିଥାଏ। ଆସନ୍ତୁ ଜାଣିବା କେମିତି ଘରୋଇ ଉପଚାରରେ ଲିପ୍ ବାମ୍ ତିଆରି କରିବେ।

# ଘରୋଇ ଉପଚାରରେ ଲିପ୍ ବାମ୍













## ଘରେ ପ୍ରାକୃତିକ ଏବଂ ପ୍ରଭାବଶାଳୀ ଲିପ୍ ବାମ୍ ତିଆରି କରିବା ପାଇଁ ଆପଣ ଏହି ଜିନିଷର ବ୍ୟବହାର କରନ୍ତୁ।

**ବିଟ୍‌କୁ ଶୁଖାଇ ତାହାର ପାଉଡ଼ର ୨ଚାମଚ, ପେଟ୍ରୋଲିୟମ ଜେଲି-୨ଚାମଚ, ନଡ଼ିଆ ତେଲ-୧ଚାମଚ, ଭିଟାମିନ୍-ଇ କ୍ୟାପସୁଲ୍-୨ଚାମଚ ନେବେ।**

## ଲିପ୍ ବାମ୍ କିପରି ତିଆରି କରିବେ

ପ୍ରଥମେ ଗୋଟିଏ ବିଟ୍‌କୁ ଚୋପା ଛଡ଼ାଇ ଖରାରେ ଶୁଖାଇବେ। ବିଟ୍‌ଟି ଶୁଖିଯିବା ପରେ ଏହାକୁ ଗ୍ରାଇଣ୍ଡରରେ ଗ୍ରାଇଣ୍ଡିଂ କରି ପାଉଡ଼ର ପ୍ରସ୍ତୁତ କରିନେବେ। ଏହି ପାଉଡ଼ରକୁ ଏକ ପାତ୍ରରେ ରଖି ଏଥିରେ ପେଟ୍ରୋଲିୟମ ଜେଲି, ନଡ଼ିଆ ତେଲ, ଭିଟାମିନ୍-ଇ କ୍ୟାପସୁଲ୍‌କୁ ପକାଇ ଭଲ ଭାବରେ ମିଶାନ୍ତୁ। ଗୋଟିଏ ଗିନାରେ ଗରମ ପାଣି ନେଇ ଏହି ବିଟ୍ ପେଷ୍ଟ ପାତ୍ରକୁ ଗରମ ପାଣିରେ ରଖନ୍ତୁ। ଏହା ତରଳି ଆସିଲେ ଏହାକୁ ଛୋଟ ବୋତଲରେ ଭରି ରଖନ୍ତୁ। ଏହି ଲିପ୍ ବାମ୍ ଲଗାଇବା ଦ୍ୱାରା ଓଠକୁ ନରମ କରିଥାଏ।

## ପ୍ରାକୃତିକ ଲିପ୍ ବାମ୍ ଫାଇଦା

ବିଟ୍‌ରେ ପ୍ରଚୁର ପରିମାଣରେ କ୍ୟାରୋଟିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏହି ଉପାଦାନଗୁଡ଼ିକ ଓଠରେ ପ୍ରାକୃତିକ ଭାବରେ ଗୋଲାପୀ କଲର୍ କରିବାରେ ସାହାଯ୍ୟ କରେ। ଏଥିରେ ପେଟ୍ରୋଲିୟମ ଜେଲି ହେଉଛି ଏକ ମଶ୍ଚରାଇଜର୍ ଭାବେ କାମ କରିଥାଏ। ଏହା ଫଟା ଓଠକୁ ଚମକାଇବାରେ ସାହାଯ୍ୟ କରେ। ସେହିପରି ଏହି ଲିପ୍ ବାମ୍‌କୁ ଅଧିକ ଦିନ ରଖିପାରିବେ।



ରୋଷେଇ ଘରୁ

# ପୋହା

## ଆବଶ୍ୟକ ସାମଗ୍ରୀ:

୩ କପ୍ ଚୁଡ଼ା, କଟା ପିଆଜ-୧କପ୍, ଚିନାବାଦାମ-୩/୪ଚାମଚ, ଧନିଆ ପତ୍ର, ଶୁଖିଲା ଲଙ୍କା-୨ଟା, ଜିରା, କଞ୍ଚାଲଙ୍କା-୩ଟା, ସୋରିଷ, ଲୁଣ, ହଳଦି, ଗୋଟା ବିରି-୧/୨ଚାମଚ, କଟା ଅଦା-୧ଚାମଚ, ଭୁର୍ସୁଙ୍ଗ ପତ୍ର, ଲେମ୍ବୁ ରସ-୧ଚାମଚ।

## ପ୍ରଣାଳୀ:

ପ୍ରଥମେ ଚୁଡ଼ାକୁ ଭଲ ଭାବେ ଧୋଇ ନେବେ। ପ୍ୟାନ୍‌ରେ ତେଲ ଗରମ ହେଲା ପରେ ଚିନାବାଦାମକୁ ଭାଜନ୍ତୁ। ଚିନାବାଦାମ ଭାଜି ହେଲା ପରେ ଏହାକୁ ଗୋଟିଏ ଗିନାରେ କାଢ଼ି ଦେବେ। ସେହି ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ବିରି, ସୋରିଷ, ଜିରା, ଶୁଖିଲା ଲଙ୍କା ଭାଜି ହେବା ପରେ ଏଥିରେ କାଟି ରଖିଥିବା ପିଆଜ, କଞ୍ଚାଲଙ୍କା ଦେଇ କିଛି ସମୟ ଭାଜିନେବେ। ସେଥିରେ କାଟି ରଖିଥିବା ଅଦା, ହଳଦୀ, ଲୁଣ ପକାଇ ଏହାକୁ ଭଲ ଭାବେ ମିଶେଇ ନିଅନ୍ତୁ। ମସଲା ମିଶି ଯିବା ପରେ ଏଥିରେ ଧୋଇ ରଖିଥିବା ଚୁଡ଼ା, ଚିନାବାଦାମ, ଭୁର୍ସୁଙ୍ଗ ପତ୍ର ଦେଇ ଏସବୁକୁ ଭଲ ଭାବେ ମିଶାଇ ନିଅନ୍ତୁ। ଶେଷରେ ଲେମ୍ବୁରସ, କାଟି ରଖିଥିବା ଧନିଆପତ୍ର ପକାଇ ଦେବେ। ଏହାକୁ ଜଳଖିଆ ଭାବେ ପିଲାଙ୍କୁ ଖାଇବା ପାଇଁ ଦେଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି, ବ୍ୟବସାୟରେ ଲାଭବାନ ହେବା ସହିତ ସାମାଜିକ ମାନସମ୍ମାନ ବୃଦ୍ଧି ପାଇବ। ଧନ ଲାଭର ସୁଯୋଗ ଆସିବ। ପାରିବାରିକ ସହଯୋଗ ମିଳିବ। ନୂତନ ଦ୍ରବ୍ୟଲାଭ ହେବ। ମହିଳାମାନେ ଆନନ୍ଦିତ ହେବେ।

**ବୃଷ** – ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ। ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ। ପାରିବାରିକ ଅଶାନ୍ତି, ମାନସିକ ଅଶାନ୍ତି ବୃଦ୍ଧି ପାଇବ। ଅର୍ଥବ୍ୟୟ ହେବାର ସମ୍ଭାବନା ଅଧିକ। ବନ୍ଧୁ ସହଯୋଗ ମିଳିବ।

**ମିଥୁନ** – ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ। ଶତ୍ରୁମାନେ ପରାଜିତ ହେବେ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ଭାତୃବିବାଦ ଦେଖା ଦେଇପାରେ, ମହିଳାମାନେ ସୁଖୀ ହେବେ। ବ୍ୟବସାୟରେ ଲାଭବାନ ହେବ।

**କର୍କଟ** – ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବାଦବିବାଦ ବୃଦ୍ଧି ପାଇବ। ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିବେ।

**ସିଂହ** – ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ। ଇଚ୍ଛା କରୁଥିବା କାର୍ଯ୍ୟରେ ସଫଳତା ଲାଭ କରିବେ। ଗୃହ, ଭୂମି, କ୍ରୟର ସୁଯୋଗ ଆସିବ। ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ। ପାରିବାରିକ ଅସନ୍ତୋଷ ବୃଦ୍ଧି ପାଇବ।

**କନ୍ୟା** – ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂର ହେବ। ଅର୍ଥଲାଭର ସୁଯୋଗ ଆସିବ। ନୂତନଦ୍ରବ୍ୟ ଲାଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ, ମାନସମ୍ମାନ ବୃଦ୍ଧି ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ହେବେ।

**ତୁଳା** – ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ। ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ଅଛି। ପାରିବାରିକ ସୁଖ ବୃଦ୍ଧି ହେବ। ଶତ୍ରୁମାନେ ପରାଜିତ ହେବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି।

**ବିଛା** – ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ଧନୁ** – ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ମକର** – ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି, ବ୍ୟବସାୟରେ ବାଧାବିଘ୍ନ ଆସିବ। ଅପବ୍ୟୟ ସୂଚନା ମିଳେ। ଶତ୍ରୁବୃଦ୍ଧି ହେବେ। ମାଲିମକଦ୍ଦମାରେ ହଇରାଣ ହୋଇପାରନ୍ତି। ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ବାଧାବିଘ୍ନ ସୃଷ୍ଟି ହେବ।

**କୁମ୍ଭ** – ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ଧନ ସମ୍ପତ୍ତି ବୃଦ୍ଧି ପାଇପାରେ, ମାନ ସମ୍ମାନ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ବନ୍ଧୁ ସହଯୋଗ ମିଳିବ। ପାରିବାରିକ ଶାନ୍ତି ବୃଦ୍ଧି ପାଇବ।

**ମୀନ** – ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହେବ, ଧନଧାନ୍ୟ ବୃଦ୍ଧି ହେବ, ବନ୍ଧୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ମାନସମ୍ମାନ ବୃଦ୍ଧି ପାଇବ, ମହିଳାମାନେ ସୁଖୀ ହେବେ।

ପର୍ଯ୍ୟଟନ

# ମାଥେରାନ୍



ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରୁ ମହାରାଷ୍ଟ୍ର ଅନ୍ୟତମ। ଏହି ରାଜ୍ୟକୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଭାବରେ ମଧ୍ୟ ଲୋକମାନେ ମାନନ୍ତି। ତେଣୁ ସେଠିକାର ବିଭିନ୍ନ ସ୍ଥାନରେ ବର୍ଷସାରା ପର୍ଯ୍ୟଟକମାନଙ୍କର ଭିଡ଼ ଦେଖିବାକୁ ମିଳେ। ମହାରାଷ୍ଟ୍ରରେ ସ୍ଥିତ ମାଥେରାନ୍ ଏକ ବହୁତ ସୁନ୍ଦର ଲୋକପ୍ରିୟ ହିଲ୍ ଷ୍ଟେସନ୍ ଯାହା ସମୁଦ୍ରପୃଷ୍ଠରୁ ପାଖାପାଖି ୨୬୦୦ ଫୁଟ୍ ଉଚ୍ଚରେ ରହିଛି। ୱିକେଣ୍ଡ୍ ପାଇଁ ମାଥେରାନ୍‌କୁ ଲୋକମାନେ ନିଜର ପସନ୍ଦଯୋଗ୍ୟ ସ୍ଥାନ ଭାବରେ ଚୟନ କରନ୍ତି। ଏହି ଛୋଟ ହିଲ୍ ଷ୍ଟେସନ୍ ଆଖପାଖରେ ବହୁତଗୁଡ଼ିଏ ଦର୍ଶନୀୟ ସ୍ଥାନ ରହିଛି ଯେଉଁଗୁଡ଼ିକୁ ଭ୍ରମଣ କରିବାକୁ ପର୍ଯ୍ୟଟକମାନେ ଭଲ ପାଆନ୍ତି। ମାଥେରାନ୍ ସମ୍ପର୍କରେ କିଛି ରୋଚକ ତଥ୍ୟ ଏହି ସହରକୁ ଆହୁରି ଅଧିକ ପ୍ରସିଦ୍ଧ କରେଇଛି।

★ ୧୮୫୦ରେ ହ୍ୟୁଗ୍ ମାଲେଟ୍ ମାଥେରାନ୍‌କୁ ଆବିଷ୍କାର କରିଥିଲେ।

★ ସେଠାରେ ଇମର୍‌ଜେନ୍ସି ବାହନଗୁଡ଼ିକ ବ୍ୟତୀତ ସବୁ ପ୍ରକାରର ବାହନ ଉପରେ ବ୍ୟାନ୍ ଲଗାଯାଇଛି।

★ ମାଥେରାନ୍‌ର ଶାବ୍ଦିକ ଅର୍ଥ ମାତାଙ୍କ ଜଙ୍ଗଲ।

ମାଥେରାନ୍ ଏକ ଛୋଟ ହିଲ୍ ଷ୍ଟେସନ୍ ହୋଇଥିଲେ ମଧ୍ୟ ସେଠାରେ ରହିଛି ଅନେକଗୁଡ଼ିଏ ଭ୍ରମଣଯୋଗ୍ୟ ସ୍ଥାନ ଯେଉଁଗୁଡ଼ିକ ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ଏପରି ସ୍ଥାନକୁ ନିଜ ପରିବାର ବା ସାଙ୍ଗସାଥିମାନଙ୍କ ସହିତ ଯାଇ ନିଶ୍ଚିତ ଭାବରେ ଭ୍ରମଣର ମଜା ଉଠାଇ ପାରିବେ। ମାଥେରାନ୍‌ର ସୌନ୍ଦର୍ଯ୍ୟ, ଏହାର ଆଖପାଖରେ ଥିବା ପାହାଡ଼ ଓ ଘାଟିଗୁଡ଼ିକର ମନମୋହକ ଦୃଶ୍ୟର ଆନନ୍ଦ ନେବା ସହିତ ଟ୍ରେକିଂର ମଜା ମଧ୍ୟ ନିଅନ୍ତୁ। ନିମ୍ନରେ କିଛି ସ୍ଥାନ ବିଷୟରେ ତଥ୍ୟ ଦିଆଗଲା।





**ଲୁଇସା ପଏଣ୍ଟ୍**-ଲୁଇସା ପଏଣ୍ଟ୍, ମାଥେରାନ୍‌ର ସବୁଠାରୁ ଅଧିକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ସେଠିକାର ସୌନ୍ଦର୍ଯ୍ୟ ଓ ମନୋରମ ଦୃଶ୍ୟ ଲୋକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଅଦ୍ଭୁତ ଦୃଶ୍ୟସବୁ ଦେଖିବାକୁ ମିଳୁଥିବାରୁ ପର୍ଯ୍ୟଟକମାନଙ୍କର ଭିଡ଼ ସେଠାରେ ଅଧିକ ରହେ।

**ଚାର୍ଲୋଟ୍ ହ୍ରଦ**- ଚାର୍ଲୋଟ୍ ହ୍ରଦ, ମାଥେରାନ୍‌ର ସବୁଠାରୁ ଶାନ୍‌ଦାର ଓ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଅନ୍ୟତମ। ଏହି ସ୍ଥାନଟିକୁ ଶାର୍ଲୋଟ୍ ହ୍ରଦ ବୋଲି ମଧ୍ୟ କୁହାଯାଏ। ଏହି ସ୍ଥାନର ପ୍ରାକୃତିକ ଦୃଶ୍ୟ ଓ ଶାନ୍ତ ବାତାବରଣ ପ୍ରକୃତିପ୍ରେମୀମାନଙ୍କୁ ଆକର୍ଷିତ କରେ। ପରିବାର ସହିତ ଭ୍ରମଣ କରିବାକୁ ହେଲେ ଏହା ଏକ ଉପଯୁକ୍ତ ସ୍ଥାନ। ସେଠାରେ ପିକ୍‌ନିକ୍, କ୍ୟାମ୍ପିଂ ଇତ୍ୟାଦିର ମଜା ଉଠେଇ ପାରିବେ। ଘନ ଜଙ୍ଗଲ ମଧ୍ୟରେ ଏହି ସ୍ଥାନଟି ରହିଥିବାରୁ ସେଠାକୁ ବିଭିନ୍ନ ରଙ୍ଗର ପକ୍ଷୀମାନେ ଯାଆନ୍ତି। ଏହା ବ୍ୟତୀତ ହ୍ରଦର ଏକ ପାର୍ଶ୍ୱରେ ଭଗବାନ ଶିବଙ୍କ ମନ୍ଦିର ରହିଛି ଯାହା ଏକ ପୁରାତନ ଦର୍ଶନୀୟ ସ୍ଥାନ। ଏହି ମନ୍ଦିରର ବିଶେଷତା ଭଗବାନ ଶିବଙ୍କର ଲାଲ୍ ସିନ୍ଦୂର ଲଗାଯାଇଥିବା ଶିବଲିଙ୍ଗ ଯାହା ଏକ ପାର୍ଶ୍ୱକୁ ଢ଼ଳି ରହିଛି।

**ମଙ୍କି ପଏଣ୍ଟ୍**-ଏହି ସ୍ଥାନଟି ମାଙ୍କଡ଼ମାନଙ୍କ ପାଇଁ ପ୍ରସିଦ୍ଧ। ସେଠାରେ ପାହାଡ଼ର ସୌନ୍ଦର୍ଯ୍ୟ, ଗଭୀର ଘାଟି, ସ୍ୱଦେଶୀ ବନସ୍ପତି, ଜୀବ ଆଦିଙ୍କ ସହିତ ଡ଼ିଆଁଡ଼େଇଁ କରୁଥିବା ମାଙ୍କଡ଼ମାନଙ୍କୁ ଦେଖିବାକୁ ମିଳେ।

**ଶିବାଜୀ ଶିଡ଼ି**- ଏହା ଏକ ପ୍ରକାରର ଡାଉନ୍ ହିଲ୍ ଅଟେ ଯାହା ଶିଡ଼ି ଆକାରର ଏକ ରାସ୍ତା। ଏହି ସ୍ଥାନଟି ସବୁଜ ଜଙ୍ଗଲ ଦ୍ୱାରା ପରିପୂର୍ଣ୍ଣ ହୋଇଥିବାରୁ ଏହା ଏକ ଲୋକପ୍ରିୟ ଟ୍ରାକିଂ ପଏଣ୍ଟ୍। ଛତ୍ରପତି ଶିବାଜୀଙ୍କ ସ୍ମୃତିରେ ଏହାର ନିର୍ମାଣ କରାଯାଇଥିଲା।

ଏହା ବ୍ୟତୀତ ପାନୋରାମା ପଏଣ୍ଟ୍, ୱାନ୍ ଟ୍ରି ହିଲ୍ ପଏଣ୍ଟ୍, ନେରଲ୍ ମାଥେରାନ ଟଏ ଟ୍ରେନ୍, ଅମ୍ବରନାଥ ମନ୍ଦିର, ହନିମୁନ୍ ପଏଣ୍ଟ୍, ଇକୋ ପଏଣ୍ଟ୍, ପ୍ରବଳଗଡ଼ କିଲ୍ଲା ଇତ୍ୟାଦି ଭ୍ରମଣଯୋଗ୍ୟ ସ୍ଥାନ ରହିଛି। ଏହି ହିଲ୍ ଷ୍ଟେସନ୍‌ରେ ଘୋଡ଼ା ସବାରୀ, ରୋଡ୍ ଟ୍ରିପ୍, ଇକୋ ପଏଣ୍ଟ୍‌ର ସୁନ୍ଦର ଦୃଶ୍ୟଗୁଡ଼ିକୁ ଉପଭୋଗ କରିପାରିବେ।

**କିପରି ଯିବେ**-ରେଳପଥରେ ମାଥେରାନ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ କୌଣସି ସ୍ଥାନରୁ ଟିକେଟ୍ ବୁକ୍ କରେଇ ପାରିବେ। ମାଥେରାନ୍ ଏକ ରେଲ୍‌ୱେ ଷ୍ଟେସନ୍ ଯାହା ଟଏ ଟ୍ରେନ୍ ମାଧ୍ୟମରେ ନରେଲ୍ ଜଙ୍କସନ୍ ସହିତ ଯୋଡ଼ି ହୋଇ ରହିଛି। ଆକାଶମାର୍ଗରେ ଯିବାକୁ ଚାହୁଁଥିଲେ ମାଥେରାନ୍‌ରୁ ସିଧା ଫ୍ଲାଇଟ୍‌ର ସୁବିଧା ନାହିଁ। ଛତ୍ରପତି ଶିବାଜୀ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦର ମାଥେରାନ୍‌ର ସବୁଠାରୁ ନିକଟବର୍ତ୍ତୀ ବିମାନ ବନ୍ଦର। କୌଣସି ବେସରକାରୀ ଗାଡ଼ି ନେଇ ସଡ଼କପଥରେ ମଧ୍ୟ ମାଥେରାନ୍ ଯାଇ ପାରିବେ।





ମନୋରଞ୍ଜନ



# 'ଲାଫ୍ଟର ଶେଫ୍ସ-୨'

'ଲାଫ୍ଟର ଶେଫ୍ସ-୨'ର ପ୍ରୋମୋ ରିଲିଜ ହୋଇ ସାରିଛି । ଏହାର ପୂରା କାଷ୍ଟ ଦର୍ଶକମାନଙ୍କୁ ହସେଇବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । କିନ୍ତୁ ଏହାର ପୁରୁଣା କାଷ୍ଟଙ୍କୁ ଦର୍ଶକମାନେ ମିସ୍ କରିବେ । ଏଥିରେ ସୁଦେଶଙ୍କ ସହିତ ନିୟା ଶର୍ମାଙ୍କ ଯୋଡ଼ି ଖୁବ୍ ଭଲ ଲାଗୁଥିଲା । ଆଉ କିଛି ଦର୍ଶକ ଅଲୀ ଗୋନୀଙ୍କୁ ମିସ୍ କରୁଛନ୍ତି । କିନ୍ତୁ ଏଥରର ସିଜନ୍‌ରେ ଏଲ୍‌ଭିଶ ଯାଦବଙ୍କ ଅବ୍‌ଦୁ ରୋଜିକଙ୍କ ସହିତ ହେଉଥିବା ଟକ୍କରରେ ଇଂରାଜୀ କହି କହି ସେ ଏଲ୍‌ଭିଶ ବ୍ରିଗେଞ୍ଜା ହୋଇସାରିଛନ୍ତି । ଏହା ବ୍ୟତୀତ ମନ୍ନାରା ଚୋପ୍ରା ଓ ସୁଦେଶ ଲହରଙ୍କ ଖଟା-ମିଠା ଲଢ଼େଇ ଦେଖିବାକୁ ମିଳିବ । ପ୍ରୋମୋରେ କଶ୍ମୀରା ଶାହ ଓ କ୍ରିଷ୍ଣା ଅଭିଷେକଙ୍କ ତୁ ତୁ ମେଁ ମେଁ ଚାଲୁଥିବା ବେଳେ ଅନ୍ୟପଟେ ମନ୍ନାରା ଚୋପ୍ରା ଓ ସୁଦେଶ ଲହରୀଙ୍କ ଖଟା-ମିଠା ସମ୍ପର୍କ ଦେଖିବାକୁ ମିଳୁଛି । ଏଥରର ଶୋ'ରେ ନୂଆ ଚେହେରା ରୁବୀନା ଦିଲୈକ, ଏଲ୍‌ଭିଶ ଯାଦବ, ଅବ୍‌ଦୁ ରୋଜିକ, ଅଭିଷେକ କୁମାର, ସମର୍ଥ ଜୁରେଲ୍ ଓ ମନ୍ନାରା ଚୋପ୍ରା ନଜର ଆସୁଛନ୍ତି । କିନ୍ତୁ ଏହି ନୂଆ ସିଜନରେ ଅଭିଷେକ-ସମର୍ଥଙ୍କ ଯୋଡ଼ି କିଛି ଖାସ୍ କମାଲ କରିପାରୁ ନାହିଁ ।



## କାର୍ଯ୍ୟକ୍ରମ 'ଦିଦି ନମ୍ବର-୧'

ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖି ଆଗରେ ରଖି ଓଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଦର୍ଶକମାନଙ୍କୁ ଭେଟିଦିଏ ବିଭିନ୍ନ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ଏହି କାରଣ ପାଇଁ ଏହା ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ । ମନପସନ୍ଦର କାର୍ଯ୍ୟକ୍ରମ 'ଦିଦି ନମ୍ବର-୧'କୁ ମିଳିଛି ଦର୍ଶକଙ୍କ ଅହେତୁକ ଭଲ ପାଇବା । ଏହି ଧାରାବାହିକଟି ୩୧ ମେ' ୨୦୨୨ରେ ଆରମ୍ଭ ହୋଇଥିଲା ଏବଂ ଦେଖୁ ଦେଖୁ ସାଜିଥିଲା ସମସ୍ତଙ୍କର ଅତି ପ୍ରିୟ କାର୍ଯ୍ୟକ୍ରମ । 'ଦିଦି ନମ୍ବର-୧' କାର୍ଯ୍ୟକ୍ରମ ଅନେକ ପ୍ରଶଂସା ହାତେଇବା ପରେ ତାହା ୮୦୦ ଏପିସୋଡ୍‌ରେ ପଦାର୍ପଣ କରିଛି । ଏହା ଓଡ଼ିଶାର ଏକମାତ୍ର ଏମିତି କାର୍ଯ୍ୟକ୍ରମ ଯେଉଁଥିରେ ଓଡ଼ିଶାର ଭିନ୍ନ ଭିନ୍ନ ଜିଲ୍ଲାରୁ ମହିଳାମାନେ ଭାଗ ନେବା ସହିତ ନିଜର ପ୍ରତିଭା ପ୍ରଦର୍ଶନ କରିଥାନ୍ତି । ଏହି ମଞ୍ଚରେ ଦିଦିମାନେ ନିଜ କାହାଣୀ ଦ୍ୱାରା ଅନ୍ୟମାନଙ୍କୁ ପ୍ରେରଣା ଦେଇଥାନ୍ତି । କୁନି କୁନି ପିଲାମାନେ ମଧ୍ୟ ଦର୍ଶକଙ୍କର ଖୁବ୍ ମନୋରଞ୍ଜନ କରିଥାନ୍ତି । ଜୀ ସାର୍ଥକର ଏହି 'ଦିଦି ନମ୍ବର-୧' କାର୍ଯ୍ୟକ୍ରମର ଅଭିନବ ଯାତ୍ରାରେ ନିଜକୁ ସାମିଲ କରି ଏମିତି ଆଗକୁ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ ।



# 'ଆଶ୍ରମ-୩'ର ଟିଜର୍ ରିଲିଜ

ବବି ଦେଓଲ ନିଜର ବଦନାମ 'ଆଶ୍ରମ'ର ତୃତୀୟ ସିଜନର ଦୁଇଟି ପାର୍ଟ ସହିତ ଓଟିଟିରେ ଦସ୍ତକ ଦେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ଅଭିନେତା ନକଲି ବାବା ନିରାଲା ରୂପରେ ପୁଣି ଥରେ ଫେରିବେ 'ଆଶ୍ରମ-୩' ଜରିଆରେ ଯାହାର ଟିଜର୍ ଆସିସାରିଛି । ଏହି ଟିଜର୍‌ର କାହାଣୀ ଆଶ୍ଚର୍ଯ୍ୟ କରୁଛି ନେଜିଜେନ୍ସଙ୍କୁ । ପ୍ରକାଶ ରାଜଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଆଶ୍ରମ-୩'ରେ ପମ୍ମିର ଏଣ୍ଟ୍ରି ସବୁକିଛି ବରବାଦ କରିଦେବ । ଏଥିର ନ୍ୟାୟ ଓ ମୃତ୍ୟୁର କାହାଣୀ ଦେଖିବାକୁ ପାଇବେ ଦର୍ଶକମାନେ । ଏଥରର କାହାଣୀରେ ବାବା ନିରାଲା ନୂଆ ଶିକାର ଉପରେ ନଜର ରଖିଛନ୍ତି କିନ୍ତୁ ଏହା ବିପଦଜନକ ସାବ୍ୟସ୍ତ ହେଉଛି । ଆଘାତପ୍ରାପ୍ତ ପମ୍ମି ପ୍ରତିଶୋଧ ନେବାର ଯୋଜନା କରି ବାବା ନିରାଲାଙ୍କୁ ବିବାହ କରୁଛି । ଏହି ସିଜନ୍‌ରେ ଖୋଲାଖୋଲି ଭାବରେ ମାରପିଟ୍ ଓ ହତ୍ୟା ଆଦି ଦୃଶ୍ୟ ଆଶ୍ରମରେ ଦେଖିବାକୁ ପାଇବେ । ଗତ ସିଜନ୍‌ରେ ବାବା ନିଜର ତାକତର ବ୍ୟବହାର କରି କୋର୍ଟ କେସ୍‌କୁ ପୂରା ବଦଳେଇ ଦେଇଥିଲେ । ପମ୍ମି ବିରୁଦ୍ଧରେ କେସ୍ କରାଯାଇଥିଲା ଓ ଜେଲ୍ ପଠାଇ ଦିଆଯାଇଥିଲା । ଏହି ସିଜନରେ ପମ୍ମିର ପୁଣି ଥରେ ଏଣ୍ଟ୍ରି ହେଉଛି । ଏଥର ପମ୍ମି, ମୃତ୍ୟୁ ତମାସା କରିବା ପାଇଁ ପ୍ରସ୍ତୁତ ହୋଇ ରହିଛି ।




# ପ୍ରିମିୟର ହେଲା 'ଆଞ୍ଜେଲ୍'

ସସ୍ପେନ୍ସ-ଥ୍ରୀଲର୍ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆଞ୍ଜେଲ୍' ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ସ୍ୱାତୀ କମ୍ପ୍ଲେକ୍ସରେ ହୋଇଥିବା ପ୍ରିମିୟର ଶୋ' ଅବସରରେ 'ଆଞ୍ଜେଲ୍'ର ସମସ୍ତ କଳାକାର, ଟେକ୍ନିସିଆନ୍‌ଙ୍କ ସମେତ ଓଲିଉଡ୍‌ର ଅନେକ ବରିଷ୍ଠ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ସିନେ ସମୀକ୍ଷକ ଉପସ୍ଥିତ ଥିଲେ । ଛୋଟ ଛୁଆ ଟ୍ରାକିଂକୁ ନେଇ ସିନେମା ଗଢ଼ା ହୋଇଥିବାରୁ ସମସ୍ତ ଦର୍ଶକ ଏହି ସିନେମା ଦେଖିବା ପାଇଁ ପ୍ରେକ୍ଷାଳୟମୁହାଁ ହୋଇଛନ୍ତି । ଶୁଭମ୍ ସିନେ ପ୍ରଡକ୍ସନ୍ ବ୍ୟାନର୍‌ର ପ୍ରଥମ ଅବଦାନ ତଥା ଶ୍ରୀମତୀ ସଂଘମିତ୍ରା ବେହେରାଙ୍କ ପ୍ରଯୋଜିତ ଏହି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରକୁ ଦର୍ଶକମାନେ ଢେର୍ ପ୍ରଶଂସା କରିଛନ୍ତି । ଜିତେନ୍ଦ୍ରୀୟ ପ୍ରଧାନଙ୍କ କାହାଣୀ, ସଂଳାପ ସହିତ ନିର୍ଦ୍ଦେଶନାକୁ ମିଳିଛି ଢେର୍ ପ୍ରଶଂସା । ଜଣେ ସାହସୀ ପୋଲିସ ଅଧିକାରୀଙ୍କ ବାସଭବନରୁ ତାଙ୍କ ୮ ବର୍ଷର ଝିଅ ଅପହରଣ ହେବା ପରେ ବିଭାଗର ଖ୍ୟାତିକୁ ବଞ୍ଚାଇ ରଖିବା ପାଇଁ ୨୪ ଘଣ୍ଟା ମଧ୍ୟରେ ମାଷ୍ଟର୍‌ମାଇଣ୍ଡ୍‌କୁ ଧରିବା ପୋଲିସ୍ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି । ମର୍ମସ୍ପର୍ଶୀ ଆକ୍ସନ୍‌ଭରା ଏହି ଓଡ଼ିଆ ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପାର୍ଥସାରଥୀ ରାୟ, କାଭ୍ୟା କିରଣ ଏବଂ ପ୍ରସନ୍‌ଜିତ ମହାପାତ୍ର । ଅନ୍ୟାନ୍ୟ ଭୂମିକାରେ ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ଭଳି ଅନେକ କଳାକାର ଅଭିନୟ କରିଛନ୍ତି । ବିଶେଷ ଭୂମିକାରେ ଶିଶୁ କଳାକାର ସାଇ ତ୍ରିଷ୍ଣା ଯିଏ କି ଆଞ୍ଜେଲ୍ ଚରିତ୍ରରେ ଅଭିନୟ କରିଛନ୍ତି । ଏହାର ପ୍ରଚ୍ଛଦପଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଶେଷ ଦାସ । ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡିଆ ପ୍ଲାନର୍‌ର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ । ବଲିଉଡ୍‌ର ବହୁ ଅଭିଜ୍ଞ ଦର୍ଶକ ତଥା ଟେକ୍ନିସିଆନ୍ 'ଆଞ୍ଜେଲ'କୁ ବହୁତ ପ୍ରଶଂସା କରି ଏମିତି ସିନେମା ହେବା ଉଚିତ ବୋଲି ମତ ଦେଇଛନ୍ତି ।




# ଏଟ୍ଲୀଙ୍କ ଫିଲ୍ମରେ ରଶ୍ମିକା ।



ଫିଲ୍ମ 'ସିକନ୍ଦର'ର ଟିଜର୍ ଜାରି କରିସାରିଛନ୍ତି ନିର୍ମାତା ସାଜିଦ୍ ନାଡିୟାଦୱାଲା । ୮୦ ସେକେଣ୍ଡ୍‌ର ଧମାକେଦାର ଟ୍ରେଲର୍‌ରେ ମଧ୍ୟ ସଲମାନ ଖାନ ପୂରା ଆକ୍ସନ୍ ମୋଡ଼୍‌ରେ ନଜର ଆସୁଛନ୍ତି । ଏ ବର୍ଷ ଇଦ୍ ଅବସରରେ ରିଲିଜ ହେବାକୁ ଥିବା ଏହି ଫିଲ୍ମରେ ସଲମାନଙ୍କ ସହିତ ଅଛନ୍ତି ରଶ୍ମିକା ମନ୍ଦାନା, ସତ୍ୟରାଜ, ପ୍ରତୀକ ବବ୍ବର, କାଜଲ୍ ଅଗ୍ରୱାଲ୍ ଓ ଶରମନ ଯୋଶୀଙ୍କ ପରି କଳାକାରମାନେ । ଖବର ଅନୁସାରେ ସଲମାନ ଓ ରଶ୍ମିକା 'ସିକନ୍ଦର' ସେଟ୍‌ରେ ଖୁବ୍ ଭଲ କାମ କରିଛନ୍ତି । ତେବେ 'ପୁଷ୍ପା-୨'ରେ ରଶ୍ମିକାଙ୍କ ଅଭିନୟ ସଲମାନ ଓ ଏଟ୍‌ଲୀଙ୍କୁ ପ୍ରଭାବିତ କରିଥିଲା । ଏହି କାରଣରୁ ଏଟ୍‌ଲୀ ତାଙ୍କର ଆଗାମୀ ଫିଲ୍ମରେ ରଶ୍ମିକାଙ୍କୁ ନେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନୂଆ ଫିଲ୍ମରେ ମଧ୍ୟ ରଶ୍ମିକାଙ୍କ ଅପୋଜିଟ୍‌ରେ ସଲମାନ ଖାନ ରହିବେ । କିନ୍ତୁ ଏ ପର୍ଯ୍ୟନ୍ତ ଏହାର ଶୀର୍ଷକ ସ୍ଥିର କରାଯାଇ ନାହିଁ । ବର୍ତ୍ତମାନ ପାଇଁ ଏହାର ନାମ ରଖାଯାଇଛି 'ଏ୬' । କଥିତ ଭାବରେ ଭାରତୀୟ ସିନେମାରେ ଏହା ଏକ ବଡ଼ ଫିଲ୍ମ ହେବାକୁ ଯାଉଛି । ଏଥିରେ ରଜନୀକାନ୍ତ କିମ୍ବା କମଲ ହାସନଙ୍କୁ କାଷ୍ଟ କରିବା ପାଇଁ ଚେଷ୍ଟା କରୁଛନ୍ତି ଏଟ୍‌ଲୀ । ଏହି ଫିଲ୍ମ ପାଇଁ ବହୁତ ସମୟ ଓ ଏନର୍ଜି ଆବଶ୍ୟକ । ଏହାର ସ୍କ୍ରିପ୍ଟ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ରହିଛି ।



# ନିଜେ ବଦଳିଲେ ପିଲା ବଦଳିବେ





ପିଲାଟିଏକୁ ଭଲ ମଣିଷଟିଏ ଭାବରେ ଗଢ଼ିତୋଳିବାର ଭୂମିକା ବାପାମାଆଙ୍କ ଉପରେ ରହିଛି। ଯଦି ପିଲାଟି ଭଲ କି ଖରାପ ଭବିଷ୍ୟତରେ ହୁଏ, ତା'ହେଲେ ନିଶ୍ଚିତ ଭାବରେ ଶତପ୍ରତିଶତ ବାପାମାଆ ହିଁ ଦାୟୀ ରହିବେ। ପିଲାଟି ବାଲ୍ୟାବସ୍ଥାରୁ ବାପାମାଆଙ୍କ ଠାରୁ



ଅନେକ କିଛି କଥା ଶିଖେ। ଆଚାର, ବିଚାର, ଚାଲିଚଳନ ସାଙ୍ଗକୁ ପରିବେଶ ମଧ୍ୟ ପିଲାର ଭବିଷ୍ୟତ ଗଠନରେ ସାହାଯ୍ୟ କରେ। ଯଦି ଏସବୁ ପିଲାଟି ପ୍ରାରମ୍ଭିକ ଅବସ୍ଥାରୁ ନପାଏ, ତା'ହେଲେ ସେ ଯାହା ଶିଖିବା କଥା ଠିକ୍ ଭାବରେ ଶିଖିପାରେନାହିଁ। ଏଣୁ ସବୁବେଳେ ନିଜକୁ ଶୃଙ୍ଖଳିତ ରଖିବା ସହ ନିଜର କର୍ମଶୈଳୀକୁ ମଧ୍ୟ ଠିକ୍ ଭାବରେ ପରିଚାଳିତ କରିବା ଦରକାର। ଯାହାଦ୍ୱାରା ପିଲାଟି ଗୁରୁଜନଙ୍କ କଥା ଓ କାମରେ ଅନୁପ୍ରାଣିତ ହୋଇପାରିବ। ପ୍ରତ୍ୟେକ କାର୍ଯ୍ୟ ଓ



କଥାର ପ୍ରତିଫଳନ ପିଲାଟି ଉପରେ ପଡ଼େ। ନିଜେ ଯଦି କୁଅଭ୍ୟାସରେ ପଡ଼ି ପିଲାଙ୍କୁ ଭଲ ଉପଦେଶ ଦେବ, ସେ କେବେ ପାଳନ କରିବ ନାହିଁ। ପିଲାଙ୍କ ଭବିଷ୍ୟତ ଗଠନ ବା ଜଣେ ଭଲ ବ୍ୟକ୍ତି ହିସାବରେ ଗଢ଼ିବାକୁ ଚାହିଁଲେ, ନିଜକୁ ଭଲକର୍ମ ହିଁ କରିବାକୁ ପଡ଼ିବ। ଯଦି ଭାବିବା ପିଲାଟି ସ୍କୁଲ ଯାଉଛି, ଟ୍ୟୁସନ ଯାଉଛି, ସେଠାରୁ ସେ ଜ୍ଞାନ ଆହରଣ କରିବା ସହ ଆଚାର ବିଚାର ଶିଖିବ। ତାହା ମଧ୍ୟ ଭୁଲ୍। ଅନେକ ସମୟରେ ଆମେମାନେ ନାମୀଦାମୀ ବିଦ୍ୟାଳୟରେ ନାଁ ଲେଖାଇ ଦେଇ ନିଶ୍ଚିନ୍ତରେ ବସିଯାଇଥାନ୍ତି। ଭାବିଥାନ୍ତି ସେ ବିଦ୍ୟାଳୟ ଆଦର୍ଶର ଏକ ନମୁନା, ପିଲା ସବୁ କିଛି ସେଠାରୁ ଶିଖିପାରିବ। ତାହା ମଧ୍ୟ ଆମ ଭାବନାରେ ଏକ ଭୁଲ ଉଦାହରଣ। ଅନେକ ଅଭିଭାବକ ମଧ୍ୟ କିଛି ଆଧ୍ୟାତ୍ମିକ ସ୍କୁଲରେ ନିଜ ପିଲାଙ୍କୁ ପାଠପଢ଼ା ସହ ବ୍ୟକ୍ତିତ୍ୱ ଗଠନ ହୋଇପାରିବ ବୋଲି ଭାବି ଛାଡ଼ିଥାନ୍ତି। ଆମେ ଯଦି ନିଜ କର୍ମ, ଚିନ୍ତନ, ବିଚାରରେ ଠିକ୍ ରହିପାରିଲେ ନାହିଁ, ଯେତେବଡ଼ ବିଦ୍ୟାଳୟ କି ଆଦର୍ଶ ଗୁରୁକୁଳରେ ଛାଡ଼ିଲେ ବି ପିଲାର ବ୍ୟକ୍ତିତ୍ୱ ଗଠନ ଶହେ ପ୍ରତିଶତ ହୋଇପାରିବ ନାହିଁ। ଏଣୁ ସବୁବେଳେ ପିଲାଙ୍କୁ ପରିବର୍ତ୍ତନ କରିବା ପୂର୍ବରୁ ନିଜକୁ ଠିକ୍ ଭାବରେ ସଜାଡ଼ନ୍ତୁ।

# ନିଜକୁ ନିଜର ପ୍ରତିଫଳନ କରନ୍ତୁ:





କେବେ ନିଜର ଫିଡ୍‌ବ୍ୟାକ୍ ଖରାପ କରନ୍ତୁ ନାହିଁ। ଯେଉଁ କମ୍ପାନୀରେ କି ସଂସ୍ଥାରେ କାମ କରୁଛନ୍ତି, ନିଜକୁ କୃତଜ୍ଞ ରଖନ୍ତୁ। ଆପଣଙ୍କୁ ଭଲ ଅଫର୍ ମିଳିଲେ ବି ପୁରୁଣା ସଂସ୍ଥାକୁ କେବେ ଖରାପ କୁହନ୍ତୁ ନାହିଁ। କାରଣ ଏହି ସଂସ୍ଥା ହିଁ ଆପଣଙ୍କୁ ଦିନେ ଦାନା ଯୋଗାଉଥିଲା। ଯଦି ପୁରୁଣା ସଂସ୍ଥା ନାଁରେ ଏଣ୍ଟୁତେଣ୍ଟୁ କୁଆଡ଼େ କହିବେ, ତାହା ନିଜ ପାଇଁ ବୁମେରାଂ ହୋଇଯିବ। ଆପଣ କାମ କରୁଥିବା ସଂସ୍ଥାରେ ଯଦି ନିଜର ଭାବମୂର୍ତ୍ତି ସ୍ୱଚ୍ଛ ରଖିବେ, ସେହି ସଂସ୍ଥା ବି ଅନ୍ୟକୌଣସି ସଂସ୍ଥାରେ ଚାକିରି କଲାବେଳେ ଭଲ ଫିଡ୍‌ବ୍ୟାକ୍ ପ୍ରଦାନ କରିବ। ଆମକୁ ସବୁ ସମୟ, ସବୁ ପରିବେଶ, ପରିସ୍ଥିତି ସହ ଖାପଖୁଆଇ କାମ କରିବାର ଅଛି। ଯଦି ସଂସ୍ଥାରେ ଆପଣଙ୍କୁ ଠିକ୍ ଲାଗୁନାହିଁ, ଠିକ୍ ଜବ୍ ଦେଖି ଛାଡ଼ିଦେଇପାରନ୍ତି କିନ୍ତୁ କେଉଁ ସଂସ୍ଥାକୁ ବଦନାମ କରିବା ଉଚିତ ନୁହେଁ। ପ୍ରତ୍ୟେକ ସଂସ୍ଥାରେ ସବୁକିଛି ଖରାପ ନଥାଏ। ନିଜକୁ ସୁହାଇଲା ଭଳି କିଛି ନାକିଛି କଥା ଥାଏ, ଯାହା ଆପଣଙ୍କୁ ବି ସୁହାଇଥାଏ। ଏଣୁ କୌଣସି ସଂସ୍ଥା ବାବଦରେ ଖରାପ କହିବା ପୂର୍ବରୁ ନିଜକୁ ଠିକ୍ ଭାବରେ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି। ନିଜେ ଠିକ୍ ରହିଲେ, ଦୁନିଆ ଠିକ୍ ନ୍ୟାୟରେ ଚାଲିଲେ ଭବିଷ୍ୟତରେ କୌଣସି ଅସୁବିଧା ପରିଲକ୍ଷିତ ହୁଏନାହିଁ।



# ବାଗ୍‌ଦେବୀଙ୍କ ଆରାଧନା

## 'ବିନୟ ମଧୂର ବଚନ, କହି ତୋଷିବ ପ୍ରାଣୀମନ'

ଯଶସ୍ୱିନୀ ପଟ୍ଟନାୟକ

ମା' ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ।

ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ। ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ। ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତ ପ୍ରାୟ ଶାନ୍ତ ରହିଛି। ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ। ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ। ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ। କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ। ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ। ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ। ବୀଣାରେ ସୃଷ୍ଟିର ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ। ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା। ସା' ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୂକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା। ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା। ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା। ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ। ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ। ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣୀ ନାମରେ ଖ୍ୟାତ ହେଲେ।

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ। ସେ ମୂଳସ୍ଥାନ ଅମୃତମୟ ପ୍ରକାଶପୁଞ୍ଜ ଅଟନ୍ତି। ଯେଉଁଠାରୁ ସେ ନିଜ ଉପାସକଙ୍କ ପାଇଁ ନିରନ୍ତର ୫୦ ଅକ୍ଷର ରୂପରେ ଜ୍ଞାନମୃତର ଧାରା ପ୍ରବାହିତ କରନ୍ତି। ତାଙ୍କର ତେଜ ଦିବ୍ୟ ଓ ଅପରିମେୟ। ତାଙ୍କୁ ଶବ୍ଦ ବ୍ରହ୍ମ ରୂପେ ପୂଜନ କରାଯାଏ। ସୃଷ୍ଟି କାଳରୁ ଈଶ୍ୱରଙ୍କ ଇଚ୍ଛାରେ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ। ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ ରୂପରେ ପ୍ରକଟ ହୋଇଥିଲେ। ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଉତ୍ପନ୍ନ ହୋଇଥିବା ଦେବୀଙ୍କ ନାମ ସରସ୍ୱତୀ ରଖାଯାଇଥିଲା। ଶ୍ରୀମଦ୍‌ଭାଗବତ୍ ଓ ଶ୍ରୀଦୁର୍ଗା ସପ୍ତଶତୀରେ ଆଦ୍ୟାଶକ୍ତି ତିନି ରୂପରେ ବିଭକ୍ତ ହୋଇଥିବା ବର୍ଣ୍ଣିତ ଅଛି। ସେହି ତିନି ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ।

ଭଗବତୀ ସରସ୍ୱତୀ ସତ୍ତ୍ୱଗୁଣସମ୍ପନ୍ନ। ଏହାଙ୍କର ଅନେକ କାମ ରହିଛି। ଯେମିତିକି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ୍ୟ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ୍ୟ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ।

ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠନ୍ତି, ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୁରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ



କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜରସ୍ୱାର୍ଥ ହାସଲ ଲାଗି ହଇରାଣ ହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ। ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ। ଏଣୁ ମା'କଳା ନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୁଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି। ଆସନ୍ତୁ ସେହି ମହିମାମୟୀ ମା'ଙ୍କର ଜୟଗାନ କରିବା।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,**
**ଇ-ମେଲ : jasaswinipattanaik78@gmail.com**





ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



# ଜଟିଳତମ ଚିକିତ୍ସା ସେବା : ଆଇସିୟୁ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**





ସାଧାରଣ ଗୁରୁତର ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଜଟିଳତମ ଚିକିତ୍ସା ସେବା ବ୍ୟବସ୍ଥାକୁ ଆଇସିୟୁ କୁହାଯାଇଥାଏ । ବାସ୍ତବ କଥା ହେଉଛି ଆଇସିୟୁ ବା ଇଣ୍ଟେନସିଭ କେଆର ୟୁନିଟ ହେଉଛି ଡାକ୍ତରଖାନାର ଏକ ସ୍ୱତନ୍ତ୍ର ୱାର୍ଡ଼ ଯେଉଁଠି ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାର ସୂକ୍ଷ୍ମ ନିରୀକ୍ଷଣ କରାଯାଏ ଏବଂ ସେମାନଙ୍କୁ ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରଦାନ କରାଯାଏ । ଯେଉଁଠି ବିଶେଷଜ୍ଞ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳର ଅନବରତ ନିରୀକ୍ଷଣ ଲୋଡୁଥିବା ରୋଗୀମାନଙ୍କ ପାଇଁ ଆଇସିୟୁ ଆବଶ୍ୟକ ହୋଇଥାଏ । ସେହିପରି ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ କେଉଁ ପ୍ରକାରର ରୋଗୀ ବା ଶରୀରର କେଉଁ ପରି ଜଟିଳତମ ପରିସ୍ଥିତିରେ ଜଣକୁ ସାଧାରଣତଃ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଥାଏ ? ଯେଉଁ ରୋଗୀମାନେ ଗୁରୁତର ଭାବେ ଅସୁସ୍ଥ ବା ଆହତ ହୋଇଥାନ୍ତି, ଯେମିତିକି ଦୁର୍ଘଟଣାରେ ଗୁରୁତର ଆଘାତ ଲାଗିବା, ହୃଦଘାତ, ଷ୍ଟ୍ରୋକ ବା ଜଟିଳ ସଂକ୍ରମଣ ହେବା ଆଦି କ୍ଷେତ୍ରରେ ରୋଗୀଙ୍କୁ ଆଇସିୟୁରେ ରଖାଯାଏ । ବଡ଼ ଧରଣର ଅସ୍ତ୍ରୋପଚାର ବା ଅଙ୍ଗପ୍ରତ୍ୟଙ୍ଗ ନିଷ୍କ୍ରିୟ ହୋଇଯାଇଥିବା ରୋଗୀଙ୍କୁ ମଧ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା କରିବାକୁ ପଡ଼େ ।

ଚିକିତ୍ସା ସେବାରେ ଆଜି ଆଇସିୟୁ ଯଥେଷ୍ଟ ଅଗ୍ରଗତି କରିଥିବାବେଳେ ଏହି ବ୍ୟବସ୍ଥାରେ କେଉଁପରି ସରଞ୍ଜାମ, ଯନ୍ତ୍ର ଓ ସାମଗ୍ରିକ ସେବା ବ୍ୟବସ୍ଥା ସହ ପରୀକ୍ଷା ନିରୀକ୍ଷା ରହିଥାଏ ? ଆଇସିୟୁରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ରହିଥାଏ, ଯାହା ସାହାଯ୍ୟର ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହିତ ସେମାନଙ୍କର ଯତ୍ନ ନିଆଯାଇଥାଏ । ସେଭଳି କେତେକ ସାଧାରଣ ଯନ୍ତ୍ର ହେଉଛି ଭେଣ୍ଟିଲେଟର ହାର୍ଟ ମନିଟରେ, ଡାଏଲିସିସ୍ ମେସିନ ଓ ଇନଫ୍ୟୁଜନ ପମ୍ପ, ଅଲଟ୍ରା ସୋନୋଗ୍ରାଫି, ଏବିଜି ମେସିନ, ସକ୍ସନ ମେସିନ, ଏଆରଓ୍ୱେ ସରଞ୍ଜାମ ଇତ୍ୟାଦି । ଜଣେ ରୋଗୀ ଆଇସିୟୁରେ ରହିଥିବାବେଳେ ମୋ ଅନୁଭବ ସମୟ ଭିତରେ ମନେ ପଡୁଛି ଅନେକ ଘଟଣାରେ ରୋଗୀ ସମ୍ପର୍କୀୟଙ୍କ ଆଇସିୟୁ ଭିତରକୁ ଯିବାକୁ ନେଇ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ସହ ମନୋମାଳିନ୍ୟ ହୋଇଥାଏ । କେତେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସମ୍ପର୍କରେ ମୁଁ ଜାଣିଛି । ଆସନ୍ତୁ ସର୍ବପ୍ରଥମେ ଜାଣିବା ପ୍ରକୃତରେ ଆଇସିୟୁ ଭିତରକୁ କେଉଁମାନେ ଯାଇପାରିବେ ? ହଁ, ପରିବାର ଲୋକ ଆଇସିୟୁ ଭିତରକୁ ଯାଇପାରିବେ, କିନ୍ତୁ କେତେକ କଟକଣା ରହିଛି । ଏହ ସମୟ ସୀମିତ ରହିଥାଏ ଏବଂ ସମ୍ପର୍କୀୟଙ୍କୁ ମାସ୍କ ଓ ଗାଉନ ପରି ସୁରକ୍ଷା ପୋଷାକ ପିନ୍ଧିବାକୁ ପଡ଼ିଥାଏ । ଏପରି କରାଯିବାର ଉଦ୍ଦେଶ୍ୟ ହେଲା ଉଭୟ ରୋଗୀ ଓ ସମ୍ପକୀୟଙ୍କୁ ସଂକ୍ରମଣରୁ ସୁରକ୍ଷା ଦେବା ।

ସେହିପରି ପ୍ରଶ୍ନ ଉଠେ ଜଣେ ରୋଗୀ ସାଧାରଣତଃ କେତେ ଦିନ ଆଇସିୟୁରେ ରହିଥାନ୍ତି ? ଏହି ଜଟିଳତମ ପ୍ରଶ୍ନ ସହିତ ଆଉ ଏକ ପ୍ରଶ୍ନ ଅନେକଙ୍କ ସହିତ ଅନେକ ସମୟରେ ମଧ ଉଠିଥାଏ । ତାହା ହେଉଛି କେତେକ ଚିକିତ୍ସା ସେବା ପ୍ରତିଷ୍ଠାନ ମୁମୂର୍ଷୁଙ୍କୁ କେବଳ ଅର୍ଥ ଆଦାୟ ନିମିତ୍ତ ଦୀର୍ଘଦିନ ଧରି ଚିକିତ୍ସା ପାଇଁ ଆଇସିୟୁ ପରାମର୍ଶ ଦେଇଥାନ୍ତି ଏବଂ କେତେକ କ୍ଷେତ୍ରରେ ତାଙ୍କ ପରିଜନମାନେ ଅସହାୟ ଭାବେ ବାଧ ହୋଇ ଏହି ପରାମର୍ଶକୁ ଗ୍ରହଣ କରନ୍ତି ତେବେ ମୂଳକଥାଟି ହେଲା ଆଇସିୟୁ ରହଣିର ଅବଧି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସାର ଫଳପ୍ରଦତା ଉପରେ ନିର୍ଭର କରେ । କେତେକ ରୋଗୀ ମାତ୍ର କିଛି ଦିନ ପାଇଁ ଆଇସିୟୁରେ ରହୁଥିବାବେଳେ ଅନ୍ୟ ରୋଗୀମାନେ ଅନେକ ସପ୍ତାହ, ଏପରିକି ମାସ ମାସ ଧରି ରହିଥାନ୍ତି । ଆଇସିୟୁ ଟିମ୍‌ର କାମ ହେଲା ରୋଗୀକୁ ଆରୋଗ୍ୟଲାଭ କରିବାରେ ସାହାଯ୍ୟ କରିବା ଏବଂ ଯଥାଶୀଘ୍ର କମ ଯତ୍ନ ଲୋଡୁଥିବା ସ୍ଥିତିକୁ ଆଣିବା ।



ଚିକିତ୍ସା ବିଜ୍ଞାନର ଅତ୍ୟନ୍ତ ଗୁରୁତର ଓ ବ୍ୟୟସାପେକ୍ଷ ଚିକିତ୍ସା ବ୍ୟବସ୍ଥା ହେଉଛି ଆଇସିୟୁ । ଯେଉଁଠାରେ ପୀଡ଼ିତ ଜଣଙ୍କ ଅତ୍ୟନ୍ତ ଗୁରୁତର ଓ ମୁମୂର୍ଷୁ ଭାବେ ପରିଗଣିତ ହୋଇ ଏହି ଚିକିତ୍ସା ସେବାକୁ ଗ୍ରହଣ କରିଥାନ୍ତି । ତେଣୁ ଏ କ୍ଷେତ୍ରରେ ସର୍ବପ୍ରଥମ ରୋଗୀଙ୍କ ପାଖ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଟିଳତମ ଚିକିତ୍ସା ବ୍ୟବସ୍ଥା, ବ୍ୟୟଭାର ଓ ମାନସିକ ଭାବେ ମୁମୂର୍ଷୁଙ୍କ ନିକଟତମ ଲୋକମାନଙ୍କ ଆଘାତ ରହିଥିବା ସ୍ୱାଭାବିକ । ତେବେ ଏପରି ସମୟରେ ସମ୍ପୂର୍ଣ୍ଣ ଭାବେ ଧୈର୍ଯ୍ୟପୂର୍ଣ୍ଣ ହୋଇ ସମ୍ପୃକ୍ତ ଡାକ୍ତର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଭରଷା ରଖି ଡାକ୍ତରଙ୍କୁ ଓ ଚିକିତ୍ସା ବ୍ୟବସ୍ଥାକୁ ସହଯୋଗ କରିବା ଅତ୍ୟନ୍ତ ଜରୁରୀ । ଆପଣ, ଆପଣଙ୍କ ରୋଗୀ ପାଇଁ ସ୍ୱାସ୍ଥ୍ୟ ସେବା ନେଇ ଯାହାକିଛି ବୁଝିବା ପାଇଁ ଚାହୁଁଥିଲେ ସମ୍ପୃକ୍ତ ଡାକ୍ତରଙ୍କ ସହ ଖୋଲା ଭାବେ କଥା ହୁଅନ୍ତୁ । ମନେରଖନ୍ତୁ ଜଣେ ଡାକ୍ତରଙ୍କ ପାଇଁ ରୋଗୀଟିର ଜୀବନ ରକ୍ଷା କରିବା ଜୀବନର ବ୍ରତ । ତେବେ ସେ ଡାକ୍ତର ମଧ ଜଣେ ମଣିଷ ଏବଂ ତାଙ୍କର ବି ଜୀବନ ଅଛି, ତାଙ୍କର ବି ଧୈର୍ଯ୍ୟ ଅଛି, ତାଙ୍କର ବି ଘର ପରିବାର ସଂସାର ଅଛି । ତେଣୁ କୌଣସି ପରିସ୍ଥିତିରେ ଆପଣ ଧୈର୍ଯ୍ୟଚ୍ୟୁତ ହୋଇ ଚିକିତ୍ସା ବ୍ୟବସ୍ଥାକୁ ଅସହଯୋଗ କରନ୍ତୁ ନାହିଁ । ତେଣୁ ଏ କ୍ଷେତ୍ରରେ ଆପଣ ତମାମ ଚିକିତ୍ସା ବ୍ୟବସ୍ଥା ଉପରେ ଭରଷା ରଖି ଆପଣଙ୍କ ରୋଗୀଟି ପାଇଁ ଧୈର୍ଯ୍ୟପୂର୍ଣ୍ଣ ଭାବେ ଭଗବାନଙ୍କ ପାଖରେ ପ୍ରାର୍ଥନା ପୂର୍ବକ ନିଜକୁ ଆଗେଇ ନେଲେ ପୀଡ଼ିତ ଜଣଙ୍କ ନିଶ୍ଚିନ୍ତ ଭାବେ ଆରୋଗ୍ୟ ଲାଭ କରିପାରିବେ ।

**ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

ମହକ

### ସାହିତ୍ୟ, ସମାଜସେବା ଓ ଶିକ୍ଷାଦାନ ସେବାର ସବୁଜ ସଂକେତ :

# ବିଶିଷ୍ଟ ଶିକ୍ଷାବିତ୍ ଡଃ ସନ୍ତୋଷ କୁମାର ପଣ୍ଡା

ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ, ଶୈକ୍ଷିକ ବାତାବରଣ ପୁଣି ବିଦ୍ୟାର୍ଥୀ ମାନଙ୍କର ଶିକ୍ଷା ଗ୍ରହଣ ବ୍ୟବସ୍ଥା ଆଦିର ସମସ୍ତ ଦିଗରୁ ବିଚାର କଲେ ମନରେ ସ୍ୱତଃ ଜାଗ୍ରତ ହୁଏ ସେହି ସତ୍ୟବାଦୀ ପୀଠରେ ଗଠିତ ହୋଇ ଥିବା ପଞ୍ଚସଖାଙ୍କ ସତ୍ୟବାଦୀ ବନବିଦ୍ୟାଳୟ କଥା ଓ ଗାଥାର ମହନୀୟ ସ୍ମୃତି। ବାସ୍ତବରେ କି ସୁନ୍ଦର ଆଦର୍ଶ ମହତ୍ ଚିନ୍ତା ଧାରା ସନ୍ନିହିତ ମଣିଷ ଗଢା କାରଖାନାଟିଏ ଗଠନ କରିଥିଲେ ସେହି ବରେଣ୍ୟ ପଞ୍ଚସଖା ବର୍ଗ। ସେହିପରି ଆମ ସମୟର ଆଦର୍ଶ କୃତୀ ଶିକ୍ଷକ, ସାହିତ୍ୟର ପୂଜାରୀ, ନାଟ୍ୟ ନିର୍ଦ୍ଦେଶକ ହେଉଛନ୍ତି ଡଃ ସନ୍ତୋଷ କୁମାର ପଣ୍ଡା। ପିତା ସ୍ୱର୍ଗତଃ ଜଳଧର ପଣ୍ଡା,ମାତା ସୁଲୋଚନା ପଣ୍ଡାଙ୍କ ସୁଯୋଗ୍ୟ ସନ୍ତାନ ଭାବେ ୧୯୭୨ ମସିହାରେ ଯାଜପୁର ଜିଲ୍ଲା ମାଳ ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବେଲେଶ୍ୱର ଗ୍ରାମରେ ଜନ୍ମ ଗ୍ରହଣ କରନ୍ତି ଏହି ସାରସ୍ୱତ ସାଧକ ଜଣକ। ଅଧୁନା ପ୍ରଧାନ ଆଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ ଭାବେ ସରସ୍ୱତୀ ବିଦ୍ୟା ମନ୍ଦିର (ଆବାସିକ), କେଶବଧାମ ଗତିରାଉତପାଟଣା କଟକ ଜିଲ୍ଲାରେ ଶିକ୍ଷାଦାନ ସେବାରେ ସାଧନାରତ ଏବଂ କଟକ ସଦର କନ୍ଦରପୁରସ୍ଥ ସିଦ୍ଧେଶ୍ୱରପୁର ଠାରେ ସ୍ଥାୟୀ ଭାବେ ଅବସ୍ଥାପିତ। ଡକ୍ଟର ପଣ୍ଡା ଏକାଧାରରେ ଜଣେ ଉଚ୍ଚକୋଟୀର ସାହିତ୍ୟିକ, ଦକ୍ଷ ସଂଗଠକ, ସୁବକ୍ତା, ଗବେଷକ, ଆଦର୍ଶ ଶିକ୍ଷାବିତ୍ ଆଉ ସମାଜସେବୀ। ବାଲ୍ୟଶିକ୍ଷା ବାଉଁଶଗଡ଼ କେନ୍ଦୁଝରରୁ ଆରମ୍ଭ କରି ନେହେରୁ ହାଇସ୍କୁଲ ସାଇଁକୁଳ କେନ୍ଦୁଝରରୁ ମାଟ୍ରିକ, ଆନନ୍ଦପୁର କଲେଜ କେନ୍ଦୁଝରରୁ +୨ରୁ ସ୍ନାତକୋତ୍ତର ଶିକ୍ଷା ଏବଂ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସ୍ନାତକ ଲାଭ ଓ ୱାର୍ଦ୍ଧାରୁ ହିନ୍ଦୀ ରତ୍ନ ଭଳି ଉଚ୍ଚଶିକ୍ଷା ମଧ୍ୟ ଲାଭ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍)ର ତୃତୀୟ ବର୍ଷ ସଙ୍ଘ ଶିକ୍ଷା ବର୍ଗ ନାଗପୁରରୁ ସମାପ୍ତ କରିଛନ୍ତି। ଜୀବନରେ ଜଣେ ଶିକ୍ଷକ ହେବାର ସ୍ୱପ୍ନ ନେଇ ଓଡ଼ିଶା ପ୍ରାଶାସନିକ ସେବା ପ୍ରିଲିମିନାରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମେନ୍ ପରୀକ୍ଷାକୁ ଅଧାରୁ ଛାଡ଼ି ୧୯୯୬ ମସିହା ଠାରୁ ପ୍ରଥମେ ଶିକ୍ଷକତା ଶ୍ରୀମା ଶ୍ରୀଅରବିନ୍ଦ ଶିକ୍ଷା ଓ ଅନୁସନ୍ଧାନ କେନ୍ଦ୍ର ଆନନ୍ଦପୁରରୁ ଆରମ୍ଭ ଓ ପରେ ୧୯୯୭ରେ ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ସରସ୍ୱତୀ ଶିଶୁ ମନ୍ଦିର ଯୋଜନାରେ ଆଚାର୍ଯ୍ୟ ଭାବେ ଆନନ୍ଦପୁର ଠାରୁ କାର୍ଯ୍ୟ ଆରମ୍ଭ କରି ପ୍ରଧାନାଚାର୍ଯ୍ୟ ଭାବେ ମାର୍ଥାପୁର, ଗଦଗଦି, କାମାକ୍ଷାନଗର, ଯାଜପୁର ରୋଡ୍‌ରେ କାର୍ଯ୍ୟ ସମାପ୍ତ କରି ଏବେ କଟକରେ କାର୍ଯ୍ୟରତ। କବିତା, ଗଳ୍ପ, ପ୍ରବନ୍ଧ, ନାଟକ ଓ ଭ୍ରମଣ କାହାଣୀରେ ରହିଛି ତାଙ୍କ ବିଶେଷ ରୁଚି। ସାଂସ୍କୃତିକ ଓ ସାହିତ୍ୟ କାର୍ଯ୍ୟକ୍ରମରେ ସଂଯୋଜନା, ସମାଜ ସେବା ଓ ଅଭିନୟ କରିବାରେ ସେ ଖୁବ୍ ନିପୁଣ। ୧୯୮୨ ମସିହାରୁ ଲେଖନୀ ଚାଳନା କରି ପ୍ରଥମ ଲେଖା ଏକାଙ୍କିକା 'କୋଣାର୍କ', ୧୯୯୨ ମସିହା କଲେଜ ମାଗାଜିନରେ କବିତା 'କ୍ଷୁଦ୍ରତା ହିଁ ମହାନତା' ପ୍ରକାଶିତ ଲାଭ କରି ବହୁ ଚର୍ଚ୍ଚିତ ହେବା ସହ ଖୁବ୍ ପାଠକୀୟ ଶ୍ରଦ୍ଧା ଭାଜନ ହୋଇ ପାରିଛି। ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସେମିନାର, ଯୋଗ, କୁଇଜ୍, ଶିକ୍ଷା ପ୍ରଶିକ୍ଷଣ, ଆଲୋଚନା ଚକ୍ର, ସାହିତ୍ୟ ସଭା, ପ୍ରୋଜେକ୍ଟ ପ୍ରସ୍ତୁତି, ଗବେଷଣା ଆଦି ବିଭିନ୍ନ ଉଲ୍ଲେଖନୀୟ କ୍ଷେତ୍ରରେ ଭାଗ ନେଇ ବର୍ତ୍ତମାନ ସୁଦ୍ଧା ୧୩୦୦ରୁ ଊର୍ଦ୍ଧ୍ୱ ପ୍ରଶଂସାପତ୍ର ଲାଭ କରିଛନ୍ତି। ଏହି ମହାନ୍ ସମାଜସେବୀ ଜଣକ ମୃତ୍ୟୁ ପରେ ସମସ୍ତ ଅଙ୍ଗଦାନ ପାଇଁ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଙ୍କ ଠାରେ ପ୍ରତିଜ୍ଞା ବା ସତ୍ୟପାଠ କରିଛନ୍ତି। ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଣେ ସଦସ୍ୟ ଭାବେ କାର୍ଯ୍ୟ କରି ପାଲଟିଛନ୍ତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଏବଂ ସବୁଠି ତାଙ୍କୁ ଭୂୟସୀ ପ୍ରଶଂସା। ଶିକ୍ଷାଦାନ ସାଧନାରେ ସଦା ନିମଗ୍ନ ଶିକ୍ଷକତା ସମୟରେ ତାଙ୍କ ପାଠ ପଢାଇବା ଶୈଳୀ ସଂପୂର୍ଣ୍ଣ ନିଆରା। ସାଧାରଣ ବିଦ୍ୟାର୍ଥୀଟିଏ କିପରି ଠିକ୍ ଭାବେ ଶିକ୍ଷାଲାଭ କରିପାରିବ ସେ ଦିଗରେ ସେ ସଦା ତତ୍ପର ଏବଂ ତାଙ୍କ ପାଠ୍ୟ ଖସଡ଼ା ପ୍ରସ୍ତୁତି ମଧ୍ୟ ଖୁବ୍ ଉଚ୍ଚ ମାନର ଆଉ ଗ୍ରହଣୀୟ। ବିଭିନ୍ନ ସଭା ସମିତିରେ ତାଙ୍କ ଓଜସ୍ୱିନୀ ବକ୍ତୃତା ଖୁବ୍ ପ୍ରେରଣାଦାୟୀ ଓ ତାଙ୍କ ମହତ ଲେଖନୀ ସୁଦୂର ପ୍ରସାରୀ। ଖାଲି ଶିକ୍ଷକତା ମଧ୍ୟରେ ପୂଜ୍ୟ ଗୁରୁଜୀ ସନ୍ତୋଷ କୁମାର ସୀମିତ ନୁହନ୍ତି ବିଦ୍ୟାର୍ଥୀ ମାନଙ୍କର ଚରିତ୍ର ଗଠନ, ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳିର ପୂର୍ଣ୍ଣ ବିକାଶ ସାଧନ, ଆଦର୍ଶ ବିଦ୍ୟାର୍ଥୀ ନିର୍ମାଣକୁ ଲକ୍ଷ୍ୟକରି ସେ ସ୍କୁଲରେ ବିଭିନ୍ନ



କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାର୍ଥୀ ମାନଙ୍କ ଉନ୍ନତି ଦିଗରେ ସବୁ ସମୟରେ ଚିନ୍ତା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥାନ୍ତି ଏବଂ ଅନ୍ୟ ସହଯୋଗୀ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଏହିସବୁ ଦିଗରେ ଅଧିକ ସଚେତନ ହେବାକୁ ପରାମର୍ଶ ଦିଅନ୍ତି। କଳା, ସାହିତ୍ୟ, ସଂସ୍କୃତିର ବିକାଶ ତଥା ପୁନରୁଦ୍ଧାର ଦିଗରେ ତାଙ୍କ ନେତୃତ୍ୱରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ଗ୍ରାମ୍ୟ ଯାତ୍ରା କମିଟି ଆଦି ଏହି ଦିଗରେ ଆଜି ଗବେଷଣାରତ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ। ବହୁ ସଂଗଠନରେ ବିଭିନ୍ନ ମର୍ଯାଦା ଜଣକ ପଦପଦବୀରେ ରହି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ବିଭିନ୍ନ ପତ୍ରପତ୍ରିକା ତଥା ଖବରକାଗଜରେ ୧୫୦ରୁ ଊର୍ଦ୍ଧ୍ୱ କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ପ୍ରକାଶିତ ଏବଂ ଶିଶୁ ଉପଯୋଗୀ ତାଙ୍କ ନିଜସ୍ୱ ପୁସ୍ତକ 'କିଚିରି ମିଚିରି' ପ୍ରକାଶନ ଅପେକ୍ଷାରେ। ସେ ଅନେକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଆଉ ସେ ଆମ ରାଜ୍ୟ ପାଇଁ ଚିରସବୁଜ ବ୍ୟକ୍ତିତ୍ୱ। ପୂଜ୍ୟପାଦ ଗୁରୁଙ୍କ ସ୍ୱପ୍ନ ଆଉ ସମ୍ଭାବନାର ଭାରତବର୍ଷ ହେଉ ସମାଲୋକ ଆଉ ଶୁଭଙ୍କର ତାଙ୍କ ଆଦର୍ଶ ପ୍ରତ୍ୟେକ ବିଦ୍ୟାର୍ଥୀ ଅନୁସରଣ କରନ୍ତୁ ଏତିକି ଆଶାକରୁ।

# ବାସ୍ତୁ ବିଚାରରେ ସୁଖ-ସମୃଦ୍ଧି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆମେ ଏ ଦୁନିଆରେ ସମସ୍ତେ ସୁଖ ଓ ଖୁସି, ଆନନ୍ଦ ଇଚ୍ଛା କରୁଛୁ। ସମସ୍ତେ ଚାହୁଁଛନ୍ତି ସେମାନେ ସୁଖ ଓ ଆନନ୍ଦଭରା ଜୀବନ ଅତିବାହିତ କରନ୍ତୁ। ଠିକ ସେହିପରି ଯୁଗ ବଦଳୁଛି, ସମୟ ମଧ୍ୟ ବଦଳୁଛି ଏବଂ ଜୀବନ ପ୍ରତି ଆଧୁନିକ ମଣିଷର ଦୃଷ୍ଟିଭଙ୍ଗୀ ବଦଳୁଛି। କିନ୍ତୁ କେତେକ ବିଶ୍ୱାସ ଓ ସିଦ୍ଧାନ୍ତ ଅପରିବର୍ତ୍ତିତ ରହିଛି। ବହୁ ପୁରାତନ କାଳରୁ ପ୍ରଚଳିତ ବାସ୍ତୁଶାସ୍ତ୍ରର ନୀତି ନିୟମକୁ ଆଜି ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। କାରଣ ଘରେ ବାସ୍ତୁ ଦୋଷ ରହିଲେ ସର୍ବଦା ସମସ୍ୟା ଲାଗିରହେ। ଯେତେ ଟଙ୍କା ରୋଜଗାର କଲେ ବି ଅଣ୍ଟେ ନାହିଁ ଏବଂ ମାନସିକ ଅଶାନ୍ତି ସୃଷ୍ଟି ହୁଏ। ତେଣୁ ଘରେ ଧନଧାନ୍ୟ, ସୁଖସମୃଦ୍ଧି ଆଣିବାରେ ବାସ୍ତୁ ନୀତିବିଧିର ଭୂମିକା ରହିଥାଏ ବୋଲି ବିଶ୍ୱାସ କରାଯାଏ। ସୁଖ ଓ ସମୃଦ୍ଧି ପ୍ରାପ୍ତି ଲାଗି ଆମ୍ଭେମାନେ ଅନବରତ କାର୍ଯ୍ୟ କରି ଚାଲିଛେ। କିନ୍ତୁ ଆମ ଜୀବନ ଚଳଣିରେ କିଛି କିଛି ତ୍ରୁଟି ରହି ଯାଉଥିବାରୁ ତାହା ଦୁଃଖର କାରଣ ହୋଇଥାଏ ବୋଲି କହନ୍ତି ବାସ୍ତୁବିତ। ଆସନ୍ତୁ ଜାଣିବା କେମିତି ରହିବା ଖୁସି।

ପ୍ରଥମେ ନିଜର ଜୀବନଚର୍ଯ୍ୟାକୁ ସଜାଡ଼ିବାକୁ ପଡ଼ିବ। ପ୍ରତ୍ୟହ ସକାଳୁ ସୂର୍ଯ୍ୟୋଦୟ ହେବା ପୂର୍ବରୁ ଉଠିବା ଏବଂ ସୂର୍ଯ୍ୟ ନମସ୍କାର କରିବା ବିଧେୟ। ଖୁସି ଓ ଉଲ୍ଲାସ ରହିବାର ଏକ ଉପାୟ ହେଉଛି ଯୋଗାଭ୍ୟାସ ଓ ପ୍ରାଣାୟମ ଯାହାଦ୍ୱାରା ଶରୀର ଓ ମନ ସୁସ୍ଥ ରହିଥାଏ। ଘରକୁ ଅଳିଆବର୍ଜନାରୁ ମୁକ୍ତ ରଖିବା ଉଚିତ। ଏଥିରୁ ଜୀବାଣୁ ବୃଦ୍ଧି ହେଲେ ମନ ଅଶାନ୍ତ ରହିବା ଦ୍ୱାରା ଦୁଃଖ ଆସିଥାଏ। ମାନସିକ ସ୍ଥିତି ଉପରେ ନାକାରାତ୍ମକ ପ୍ରଭାବ ପକାଇଥାଏ। ଘରର ରଙ୍ଗ କଳା ଓ ନୀଳ ହେଲେ ବାସିନ୍ଦାଙ୍କ ଉପରେ କୁପ୍ରଭାବ ପଡ଼େ। ଗୋଲାପୀ ଓ ଲାଲ ରଙ୍ଗ ହେଲେ ମଧ୍ୟ ବିନାଶର କାରଣ ଆଣିଥାଏ। ତେଣୁ ଘରର କାନ୍ଥ ହାଲୁକା ରଙ୍ଗ କରିବା ଉଚିତ। କାହାରି ପ୍ରତି ଉତ୍ତେଜନାପୂର୍ଣ୍ଣ ବ୍ୟବହାର କରିବା ଉଚିତ ନୁହେଁ। ତଦ୍ୱାରା ଆମ ଶରୀର ଅସୁସ୍ଥ ହେବ। ମାନସିକ ଅଶାନ୍ତି ଆସିଲେ ସୁଖ ଓ ସମୃଦ୍ଧିରେ ମଧ୍ୟ ବାଧା ଉପୁଜିଥାଏ। ଖୁସିରେ ରହିବା ପାଇଁ ସୁମଧୁର ସଂଗୀତ ଓ ଭଜନ ଶୁଣିବା ଉଚିତ। ଗୁରୁ ପରମ୍ପରା ଅନୁସାରେ ସକାଳୁ ଉଠି ମାଆଙ୍କ ପାଦ ସ୍ପର୍ଶକଲେ ଚନ୍ଦ୍ର ଶାନ୍ତି ହୋଇଥାନ୍ତି। ସକାଳୁ ବାପାଙ୍କ ପାଦ ସ୍ପର୍ଶକରେ ରବି ମହାଦଶା ଥିଲେ ସେଥିରେ ଶୁଭଫଳ ମିଳିଥାଏ। ଗୋ ସେବା କଲେ ବୃହସ୍ପତି ସନ୍ତୁଷ୍ଟ ହୋଇଥାନ୍ତି। ଭୂମିରେ ବୃକ୍ଷରୋପଣ କଲେ ବୁଧ ଗ୍ରହ ସନ୍ତୁଷ୍ଟ ହୋଇଥାନ୍ତି। ନୀତି ନିୟମ ଅନୁସାରେ କଥା ଓ ସମ୍ମାନ ଦେଲେ ଶନି ସନ୍ତୁଷ୍ଟ ହୋଇଥାନ୍ତି। ନିଜ ସ୍ତ୍ରୀ, କନ୍ୟା, ମା ଓ ମହିଳାଙ୍କୁ ସମ୍ମାନ ଦେଲେ ଶୁକ୍ର ମହାଗ୍ରହ ସନ୍ତୁଷ୍ଟ ହୋଇଥାନ୍ତି। ଲୋଭ କମ କଲେ ରାହୁ ମହାଗ୍ରହ ସନ୍ତୁଷ୍ଟ ହୋଇଥାନ୍ତି। ଶରୀରକୁ ପରିଷ୍କାର ରଖିଲେ ରୋଗୀ ଓ ଦରିଦ୍ରଙ୍କ ସେବା କଲେ ରାହୁ ଶାନ୍ତ ହୋଇଥାନ୍ତି। ଘରେ ପଞ୍ଚଧୂପ ଲଗାଇବା ଦ୍ୱାରା ମା'ଲକ୍ଷ୍ମୀ ଖୁସି ଓ ସନ୍ତୁଷ୍ଟ ହୋଇଥାନ୍ତି। ଏଥି ସହିତ ଶଙ୍ଖ ବଜାଇଲେ ଘରେ ରୋଗ ଜୀବାଣୁ ମଧ୍ୟ ନାଶ ହୋଇଯାଆନ୍ତି। ଘରର ସମ୍ମୁଖ ଭାଗରେ ତୁଳସୀ, ବ୍ରହ୍ମଯଷ୍ଟି, ଅଁଳା ଗଛ ଲଗାଇବା ଉଚିତ। ସିନ୍ଦୂର, କୁଙ୍କୁମ, ଘିଅ ଓ କେଶରରେ ସ୍ୱସ୍ତିକ ଏବଂ ଓଁ ଅଙ୍କନ କଲେ ଶ୍ରୀବୃଦ୍ଧି ହୋଇଥାଏ।

ଜୀବନରେ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ସମର୍ପଣ ରଖି ସତକର୍ମ ଓ ସତଜୀବନରେ ନିଜକୁ ଅତିବାହିତ କରନ୍ତୁ। ସବୁବେଳେ ଅନ୍ୟ ମାନଙ୍କ ମଙ୍ଗଳ ଇଚ୍ଛା କରନ୍ତୁ ଓ ସୀମା ସାଧ୍ୟ ମତେ ସାହାଯ୍ୟ କରନ୍ତୁ। ଦାନ, ଧର୍ମ ଏକ ପୁଣ୍ୟ କାର୍ଯ୍ୟ। କୌଣସି ପରିସ୍ଥିତିରେ କାହାର କ୍ଷତି ଚାହାଁନ୍ତୁ ନାହିଁ। ଯିଏ ଅନ୍ୟର ମଙ୍ଗଳ ଚାହିଁଥାଏ ସେ ଲୋକଙ୍କର ମଙ୍ଗଳ ଭଗବାନ ନିଶ୍ଚିନ୍ତ ଆଶୀର୍ବାଦ ସ୍ୱରୂପ ପ୍ରଦାନ କରିଥାନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

### ଏହି ସପ୍ତାହ, ସେହି ବର୍ଷ ( ଫେବୃଆରୀ ୨-୮)

**ଏଇ ସପ୍ତାହ**

ଫେବୃଆରୀ ୨, ୧୯୦୧- କ୍ୱିନ୍ ଭିକ୍ଟୋରିଆଙ୍କ ଅନ୍ତିମ ସଂସ୍କାର ହୋଇଥିଲା।



ଫେବୃଆରୀ ୩, ୧୯୩୪-ପ୍ରଥମ ଥର ଉଡ଼ାଜାହାଜରେ ପାର୍ସଲ୍ ପଠାଇବାର ବ୍ୟବସ୍ଥା ଆରମ୍ଭ ହୋଇଥିଲା।



ଫେବୃଆରୀ ୪, ୧୮୯୫-ଆମେରିକାର ଚିକାଗୋ ଠାରେ ପ୍ରଥମ ରୋଲିଂ ଲିଫ୍ଟ ପୋଲର ଉଦ୍‌ଘାଟନ ହୋଇଥିଲା।



ଫେବୃଆରୀ ୫, ୧୯୨୪- ରୟାଲ୍ ଗ୍ରୀନ୍‌ୱିଚ୍ ଠାରେ ରେଡିଓ ସମୟ ସଂକେତକ ଜିଏମ୍‌ଟିର ପ୍ରଥମ ପ୍ରସାରଣ ହୋଇଥିଲା।




ଫେବୃଆରୀ ୬, ୧୯୧୧-ଆମେରିକାର ଏରିଜୋନା ଠାରେ ପ୍ରଥମ ବୃଦ୍ଧାଶ୍ରମ ଖୋଲା ଯାଇଥିଲା।



ଫେବୃଆରୀ ୭, ୧୯୪୦-ବ୍ରିଟେନ୍‌ରେ ରେଲ୍‌ୱେର ରାଷ୍ଟ୍ରୀୟକରଣ କରାଯାଇଥିଲା।



ଫେବୃଆରୀ ୮, ୨୦୦୭-ଭୁଟାନ ନରେଶ ପ୍ରଥମ ଥର ଭାରତକୁ ଯାତ୍ରା କରିଥିଲେ।




# ଉତ୍ତରାଧିକାରୀ ଆଇନ ଓ ବ୍ୟାଙ୍କିଂ ରେଗୁଲେସନ ଆକ୍ଟ

**ଯୁଧିଷ୍ଠିର ମହାରଣା**




ଆମମାନଙ୍କ ଭିତରେ ଏବେ ବି ଡାକଘରେ ସଞ୍ଚୟ ଖାତା ଖୋଲିବା ଏବଂ ନିରାପଦ ଆର୍ଥିକ ବ୍ୟବସ୍ଥାର ଡାକ ଘର ମଧ୍ୟ ଏକ ଅନ୍ୟତମ ଭୂମିକାରେ ଥାଏ। ଯାହାପାଇଁ ଡାକଘରେ ଅନେକ ଲୋକ ପ୍ରାୟତଃ ସଞ୍ଚୟ ଖାତା ବା ପାସ୍‌ବୁକ୍ ଖୋଲି ସେମାନଙ୍କର ଆର୍ଥିକ ଦେଣନେଣ କରିଥାନ୍ତି। ସଞ୍ଚୟ ବ୍ୟାଙ୍କ ଜମାଖାତାଧାରୀଙ୍କ ଅବର୍ତ୍ତମାନରେ ତାଙ୍କ ଉତ୍ତରାଧିକାରୀଙ୍କୁ ଜମା ବାବଦ ପ୍ରାପ୍ୟ ମିଳିବାର ଯେଉଁ ନିୟମ ରହି ଆସିଛି, ତାହା କ୍ରମଶଃ ଜଟିଳ ହେଉଥିବା ଭୁକ୍ତଭୋଗୀମାନେ ଅଭିଯୋଗ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟକୁ ନେଇ ବିତର୍କ ସୃଷ୍ଟି ହୋଇଛି। ବ୍ୟାଙ୍କିଂ ରେଗୁଲେସନ ଆକ୍ଟ-୧୯୪୯ ଅନୁଯାୟୀ ବ୍ୟାଙ୍କ ଜମା ଖାତାଧାରୀଙ୍କ ମୃତ୍ୟୁ ପରେ ଆକାଉଣ୍ଟରେ ବା ଖାତାରେ ଥିବା ଜମାରାଶି ହକଦାର କିଏ ହେବ ତାହା ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁଯାୟୀ ଜମାକାରୀ ବା ଆକାଉଣ୍ଟ ହୋଲ୍‌ଡର ତାଙ୍କ ଖାତାରେ ଉତ୍ତରାଧିକାରୀ ବା ନୋମିନ ଭାବେ ଯାହାଙ୍କ ନାମ ଉଲ୍ଲେଖ ଥାଏ ତେବେ କେଉଁ ନୋମିନ ମୋଟ ଜମା ଅର୍ଥରାଶିରୁ କେତେ ଭାଗ ପାଇବାକୁ ହକଦାର ତାହା ମଧ୍ୟ ନୋମିନି ଫର୍ମ ବା ଘୋଷଣାନାମାରେ ଉଲ୍ଲେଖ ଥାଏ। ଯଦି ଜମାକାରୀଙ୍କ ଏକାଧିକ ଉତ୍ତରାଧିକାରୀ ବା ଦାୟାଦ ଥାନ୍ତି କିନ୍ତୁ ମାତ୍ର ଜଣଙ୍କର ନାମ ନୋମିନ ଭାବରେ ଉଲ୍ଲେଖ ଥାଏ, ତେବେ ତାକୁ ହିଁ ସେ ବାବଦ ପ୍ରାପ୍ୟ ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ୍ୟ। ଏହାପରେ ସମ୍ପୃକ୍ତ ନୋମିନ ସେହି ଅର୍ଥରାଶିକୁ ଅନ୍ୟ ଦାୟାଦ ମାନଙ୍କୁ କେତେ ଦେବେ କିମ୍ବା ନ ଦେବେ ତାହା ତାଙ୍କ ବିବେକ ଉପରେ ନିର୍ଭର କରେ କିମ୍ବା କୋର୍ଟକଚେରୀ ନିଷ୍ପତ୍ତି ନିଏ। କିନ୍ତୁ ଦାୟାଦଙ୍କ ଭାଗବଣ୍ଟା ବିବାଦ ଆଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଅର୍ଥରାଶିକୁ ଅଟକାଇ ରଖିପାରିବେ ନାହିଁ।

ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଅନୁସାରେ ଖାତାରେ ଯାହାଙ୍କ ନାମ ନୋମିନ ଭାବେ ଉଲ୍ଲେଖ ଥାଉ ନା କାହିଁକି ଉକ୍ତ ରାଶି ନୋମିନଙ୍କ ଦସ୍ତଖତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଗୃହୀତ ହେବେ ଏବଂ ଏକାଧିକ ଉତ୍ତରାଧିକାରୀ ବା ଦାୟାଦଙ୍କ ମଧ୍ୟରେ ବଣ୍ଟନ ହେବ। କେବଳ ନୋମିନ ସେହି ସମ୍ପୂର୍ଣ୍ଣ ରାଶିର ଏକ ଚାଟିଆ ମାଲିକାନା ଜାହିର କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳଙ୍କ ଏକ ରାୟକୁ ଆଧାର ଭାବେ ଗ୍ରହଣ କରିଛନ୍ତି ଏବଂ କୌଣସି ପରିସ୍ଥିତିରେ ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ଅଧିକ୍ରମଣ କରିପାରିବ ନାହିଁ ବୋଲି କହିଛନ୍ତି।



ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ପୂର୍ବରୁ ମାମଲାର ବିବରଣୀ ବିଷୟରେ କିଞ୍ଚିତ ଆଲୋକପାତ କରିବା ଉଚିତ ହେବ। ମନୋଜ କୁମାର ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ମାଆଙ୍କ ନାମରେ ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଏକ ମିଆଦୀ ଜମା ଫିକ୍ସଡ୍ ଡିପୋଜିଟ୍ ରହିଛି, ଯେଉଁଥିରେ ନୋମିନ ରହିଛନ୍ତି ମନୋଜ। ୨୦୨୦ ଫେବୃଆରୀ ୮ରେ ତାଙ୍କ ମାଆଙ୍କର ମୃତ୍ୟୁ ପରେ ମିଆଦୀ ଜମା ବାବଦ ଅର୍ଥରାଶି ପାଇବା ପାଇଁ ମନୋଜ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। କିନ୍ତୁ



ତାଙ୍କ ଭାଇ ବା ଜମାକାରୀଙ୍କ ଅନ୍ୟ ଦାୟାଦମାନେ ସେହି ଅର୍ଥରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ବାଦୀ-ପ୍ରତିବାଦୀମାନଙ୍କ ଓକିଲ ସେମାନଙ୍କ ମହକିଲଙ୍କ ସପକ୍ଷରେ ସ୍ୱାଭାବିକ ଭାବରେ ଯୁକ୍ତି ଉପସ୍ଥାପନ କରିବା ପରେ ମାମଲା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା। ମାମଲାର ଶୁଣାଣି କରି ବିଚାରପତି ଶେଖର ବି ସରାଫ ଓ ବିଚାରପତି ବିପିନ ଚନ୍ଦ୍ର ଦୀକ୍ଷିତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ନୋମିନଙ୍କ ସମେତ ଅନ୍ୟ ଉତ୍ତରାଧିକାରୀମାନେ ମଧ୍ୟ ଜମା ବାବଦ ଅର୍ଥ ପାଇବା ପାଇଁ ହକଦାର ବୋଲି ସ୍ପଷ୍ଟ କରିଛନ୍ତି ଏବଂ ଉକ୍ତ ଅର୍ଥରାଶିକୁ ଏକ ଟ୍ରଷ୍ଟରେ ଜମା କରିବାକୁ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ବନ୍ଦ ପଡ଼ିଥିବା ଖାତାର ପ୍ରାପ୍ୟ ଅଧିକାର ପ୍ରକ୍ରିୟା ଆହୁରି ଆଇନଗତ ଜଟିଳତା ଭିତରକୁ ଚାଲିଯାଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ନୋମିନଙ୍କୁ ଅଚଳ ଖାତାର ପ୍ରାପ୍ୟର ହକଦାର କରାଯାଇଥିଲେ ମଧ୍ୟ ଏ ପ୍ରକ୍ରିୟା ଏତେ ଜଟିଳ ଯେ ସାଧାରଣ ଲୋକଟିଏ ପ୍ରାପ୍ୟ ପାଇଁ ନୟାନ୍ତ ହେବାକୁ ପଡୁଛି। ଏ ସମ୍ପର୍କିତ ବିଭିନ୍ନ ବ୍ୟାଙ୍କ ନୀତି, ନିୟମ ଓ ସର୍ତ୍ତ ମଧ୍ୟ ଭିନ୍ନ ଭିନ୍ନ। ନୋମିନଙ୍କ ନାମ ଓ ପରିଚୟ ବ୍ୟାଙ୍କ ଖାତାରେ ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ୍ୟ ଖାତାଧାରୀଙ୍କ ଅବର୍ତ୍ତମାନରେ ସେହି ପ୍ରାପ୍ୟ ପାଇବାକୁ ହେଲେ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କ ଆଗରେ ଆହୁରି ଅନେକ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାକୁ ପଡୁଛି। ନାମ ଓ ପରିଚୟର ସର୍ବସ୍ୱୀକୃତ ଓ ସର୍ବଗ୍ରାହ୍ୟ ପ୍ରମାଣପତ୍ର ଭାବେ ଆଧାର ପରିଚୟ ପତ୍ରକୁ ସରକାର ସ୍ୱୀକୃତି ଦେଇଛନ୍ତି। ନୋମିନଙ୍କ ନାମ ଖାତାରେ ଉଲ୍ଲେଖ କରିବା ସମୟରେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ହିଁ ନିର୍ବିକାରରେ ଗ୍ରହଣ କରୁଛନ୍ତି। କିନ୍ତୁ ଖାତାଧାରୀଙ୍କ ଅବର୍ତ୍ତମାନରେ ଖାତାରେ ଥିବା ରାଶି ପାଇବା ବେଳକୁ ଆଧାର ପରିଚୟ ପତ୍ର ତାର ମୌଳିକ ଶକ୍ତି ହରାଉଛି। ତେଣୁ ଆଧାର ପରିଚୟ ପତ୍ର ସହିତ ବିଚରା ନୋମିନଙ୍କୁ ଆହୁରି ଏଭଳି ଏକାଧିକ ଚିହ୍ନଟକାରୀ ଓ ସାକ୍ଷ୍ୟ ଯୋଗାଡ଼ କରିବାକୁ ପଡୁଛି, ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ସରକାରୀ ଚାକିରିଆ, ଅର୍ଦ୍ଧ-ନ୍ୟାୟିକ କିମ୍ବା ନ୍ୟାୟିକ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ମାନେ ଆସୁଛନ୍ତି। କେତେକ କ୍ଷେତ୍ରରେ ସାକ୍ଷ୍ୟ, ପ୍ରମାଣ ଓ ମୁଚାଲିକା ଭାବରେ ଟିକସ ପୈଠ ବିବରଣୀ ସହିତ ଦାଖଲ କରିବାକୁ ପଡୁଛି। ଯେଉଁଠାରେ ନୋମିନଙ୍କ ନାମ ଉଲ୍ଲେଖ ନଥାଏ ସେଠାରେ ଲିଗାଲ ହେୟାର ସାର୍ଟିଫିକେଟ ଆଧାରରେ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ସମ୍ପତ୍ତି ବା ଜମା ପରିମାଣ ରାଶି ବାଣ୍ଟି ଦେବାର ନିୟମ ରହିଛି। ଏହି ନିୟମର କାର୍ଯ୍ୟକାରିତା ମଧ୍ୟ ଏତେ ଜଟିଳ ଯେ ଏଥିପାଇଁ ଦାବିଦାରଙ୍କୁ ସତ୍ୟପାଠ, ସ୍ୱତ୍ତ୍ୱ ପ୍ରତ୍ୟାଖ୍ୟାନ ପ୍ରମାଣ ପତ୍ର ଓ କ୍ଷତିବିମୁକ୍ତି ପ୍ରମାଣ ପତ୍ର ସହିତ ଆବେଦନ କରିବାକୁ ପଡୁଛି।

ଏଭଳି ପରିସ୍ଥିତିରେ ମଫସଲରେ ରହୁଥିବା ଅପାଠୁଆ ଓ ଅର୍ଦ୍ଧପାଠୁଆ ହିତାଧିକାରୀଙ୍କ ଦୂରବସ୍ଥା ନକହିବା ଭଲ। ଯଦି ଖାତାଧାରୀଙ୍କ ଆକାଉଣ୍ଟରେ କମ ଅର୍ଥ ରହିଥିବ ତେବେ ଦାବି ପାଇଁ ଦୌଡ଼ି ନୟାନ୍ତ ହେବା ବଦଳରେ ବରଂ ଛାଡ଼ି ଦେବାକୁ ଅନେକେ ଉଚିତ ମଣୁଛନ୍ତି। ଯେଉଁଠି ନିୟମ ଆହୁରି ସରଳ ହେବା କଥା ସେଠାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବ୍ୟବସ୍ଥାକୁ ଆହୁରି ଜଟିଳ କରିଦେଇଥିବା ପରି ମନେ ହେଉଛି। ସମ୍ପତ୍ତିର ଭାଗବଣ୍ଟାକୁ ନେଇ ଦାୟାଦଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷର ଉଦାହରଣ ଅନେକ। ସେହି ଦୃଷ୍ଟିରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ରାୟ ସମାଜର ସବୁସ୍ତର ପାଇଁ କାର୍ଯ୍ୟକାରୀ ହେଉଥିବାରୁ ବିଚରା ଅମାୟିକ ଲୋକମାନେ ବ୍ୟବସ୍ଥାର ଜଟିଳତା ଭିତରେ ପେସି ହୋଇଯାଉଛନ୍ତି। ଏବେ ସମୟ ଆସିଛି ବ୍ୟବସ୍ଥା କିପରି ସମାବେଶୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାର। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସାର୍ବଜନୀନ ସରଳ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
E-mail :
judhister009moharana@gmail.com





# ପ୍ରାଣୀମାନେ ଦାନ୍ତ ନଘସିଲେ ବି ...



ଆମେମାନେ ସାଧାରଣରେ କଥା ହେଲାବେଳେ ଗୋଟିଏ କଥା ପ୍ରାୟତଃ ଆଲୋଚନାରେ ରଖିଥାଉ ତାହା ହେଉଛି ହାତୀ କଣ ଦାନ୍ତ ଘଷେ ? ତେବେ ବେଳେବେଳେ ମନରେ ପ୍ରଶ୍ନ ଉଠେ ପ୍ରାଣୀଙ୍କ ଦାନ୍ତ କ'ଣ ଏତେ ଶକ୍ତ ଯେ, ତାର ଯତ୍ନ ନେବାକୁ ପଡ଼େନାହିଁ ? ତାଙ୍କ ଦାନ୍ତ କ'ଣ ଆପେ ସଫା ହୋଇଯାଏ ? ପ୍ରାଣୀଙ୍କ ଦାନ୍ତ ମଣିଷ ଦାନ୍ତ ଭଳି ଖରାପ ହୋଇ ପଡ଼ିଥାଏ ନା ନାହିଁ ? ଏସବୁ ପ୍ରଶ୍ନର ଉତ୍ତର ଜାଣିବା ଲାଗି ଅନେକ ଗବେଷଣା ହୋଇଛି । କିଛି ବିଶେଷଜ୍ଞଙ୍କ ମତରେ ପ୍ରାଣୀଙ୍କ ଦାନ୍ତ ସାଧାରଣତଃ ବହୁତ ମଜଭୁତ ହୋଇଥାଏ । ଆଉ ତାହା ନଷ୍ଟ ହୋଇ ପଡ଼ି ନଥାଏ । ଦ୍ୱିତୀୟରେ ପ୍ରାଣୀଙ୍କ ଦାନ୍ତ ମଣିଷ ଦାନ୍ତ ଠାରୁ କିଛିଟା ଅଧିକ ମଜଭୁତ । ତାର ଅର୍ଥ ନୁହେଁ କି ସେମାନଙ୍କ ଦାନ୍ତକୁ ସଫା କରିବାର ଆବଶ୍ୟକତା ନାହିଁ । ତାଙ୍କ ଦାନ୍ତକୁ ସଫା କରିବାର ବି ଆବଶ୍ୟକତା ଥାଏ । ହେଲେ ତାଙ୍କ ଖାଦ୍ୟ ହିଁ ଏମିତି ହୋଇଥାଏ ଯେ, ସେମାନଙ୍କ ଦାନ୍ତ ସ୍ୱତଃ ସଫା ହୋଇଯାଏ । ଅର୍ଥାତ୍ ମଣିଷମାନେ ରନ୍ଧା ଖାଦ୍ୟ ଖାଆନ୍ତି । ତେଣୁ ଦାନ୍ତ ସଫା କରିବାର ଆବଶ୍ୟକତା ଅଧିକ ଥାଏ । ଅନ୍ୟପକ୍ଷେ ପ୍ରାଣୀ ଖାଦ୍ୟକୁ ଅଧିକ ସମୟ ଯାଏ ଚୋବାଇ ଖାଇଥାଆନ୍ତି । ଆଉ ତାଙ୍କର ଅଧିକାଂଶ ଖାଦ୍ୟରେ ଅଧିକ ପରିମାଣର ଫାଇବର ଥାଏ ଯାହା ତାଙ୍କ ଦାନ୍ତକୁ ପ୍ରାକୃତିକ ଭାବେ ସଫା କରିଥାଏ । ଏହାବ୍ୟତୀତ ଅଧିକାଂଶ ପ୍ରାଣୀ ନିଜର ମୁଖ୍ୟ ଆହାର ବାଦ ଅନ୍ୟ ସମୟରେ କିଏ ହାଡ଼ ତ କିଏ ଘାସ, ଡାଳପତ୍ର ଚୋବାଇ ଥାଆନ୍ତି, ଯଦ୍ୱାରା ତାଙ୍କ ଦାନ୍ତ ସଫା ହୋଇଯାଏ ।

ଏହାବାଦ ମଣିଷ ଖାଦ୍ୟରେ ଅଧିକ ମାତ୍ରାରେ ଏସିଡ଼, ସୁଗାର ଓ କାର୍ବୋହାଇଡ୍ରେଟ ଥାଏ, ଯାହାକି ଦାନ୍ତ ପାଇଁ କ୍ଷତିକାରକ । ସେଥିପାଇଁ ମଣିଷକୁ ନିଜ ଦାନ୍ତର ଅଧିକ ଯତ୍ନ ନେବା ସହ ସଫା ରଖିବାକୁ ହୁଏ । ଅନ୍ୟ ଏକ କଥା ହେଉଛି ମଣିଷର ଜୀବନକାଳ ଲମ୍ବା, ହେଲେ ପ୍ରାଣୀଙ୍କର ଛୋଟ । ତେଣୁ ଦାନ୍ତ ଖରାପ ହୋଇ ଆସିବା ବେଳକୁ ପ୍ରାଣୀଙ୍କର ମୃତ୍ୟୁ ହୋଇଯାଏ । ଅନ୍ୟପକ୍ଷେ ଶାର୍କ ଓ କୁମ୍ଭୀର ଭଳି ପ୍ରାଣୀଙ୍କର ଦାନ୍ତ ଅନେକ ଥର ପଡ଼େ ଓ ସେହି ଜାଗାରେ ନୂଆ ଦାନ୍ତ ଉଠି ବି ଯାଏ । ତେଣୁ ପ୍ରାଣୀଙ୍କୁ ବ୍ରଶ କରିବାକୁ ପଡ଼ି ନଥାଏ ।

**ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ,**
E-mail : shyamsundra123samal@gmail.com

# ଏକ ସଙ୍ଗରେ ହାଇ ଆସେ କାହିଁକି ?


ଅନେକ ସମୟରେ ଜଣେ ହାଇ ମାରୁଥିବା ବେଳେ ଅନ୍ୟ ଜଣେ ମଧ୍ୟ ହାଇ ମାରୁଥିବା ଦେଖିବାକୁ ମିଳିଥାଏ । ସେଥିପାଇଁ କୁହାଯାଏ ହାଇ ପଛରେ ଭାଇ । କେବଳ ନିଦ ଆସିବା ଯୋଗୁଁ ଅଥବା ଥକା ଲାଗିବା କାରଣରୁ ଆମେ ହାଇ ମାରି ନଥାଉ, ଏହା ପଛରେ ବୈଜ୍ଞାନିକ କାରଣ ବି ଲୁଚି ରହିଛି । ଯେଉଁଥିପାଇଁ ଜଣେ ଅନ୍ୟ ଜଣକୁ ହାଇ ମାରିବାର ଦେଖିଲେ ନିଜେ ମଧ୍ୟ ହାଇ ମାରିଥାଏ । ପ୍ରିଷ୍ଟନ ବିଶ୍ୱ ବିଦ୍ୟାଳୟର ଏକ ରିପୋର୍ଟରେ କୁହାଯାଇଛି ଯେ ହାଇର ସଂଯୋଗ ଆମ ମସ୍ତିଷ୍କ ସହ ରହିଛି । କାମ



କରିବା ସମୟରେ ମସ୍ତିଷ୍କ ଯେତେବେଳେ ହିଟ ହୋଇଯାଏ, ସେତେବେଳେ ମସ୍ତିଷ୍କକୁ ଥଣ୍ଡା କରିବା ପାଇଁ ହାଇ ଆସିଥାଏ । ଏହାଦ୍ୱାରା ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ ।

ଶୀତ ଦିନେ ଅମ୍ଳଜାନର ଆବଶ୍ୟକତା ଅଧିକ ଥାଏ । ଆମ ଶରୀର ଶୀତ ଦିନରେ ସମାସ୍ୟ ଥଣ୍ଡା କାରଣରୁ ଅସ୍ୱସ୍ତି ଅନୁଭବ କରିଥାଏ । ଖାସ ଏହି କାରଣରୁ ଏହି ଦିନେ ଅଧିକ ଲୋକେ ହାଇ ମାରନ୍ତି । ସେହିଭଳି ୨୦୦୪ରେ ମ୍ୟୁନିଖର ସାଇକାଟ୍ରିକ ୟୁନିଭରସିଟି ହସ୍ପିଟାଲରେ ଏକ ଗବେଷଣା ହୋଇଥିଲା । ଏଥିରେ ହାଇମାରିବା ସଂକ୍ରମଣ ଭଳି ବ୍ୟାପିଥାଏ ବୋଲି କୁହାଯାଇଥିଲା । ୩୦୦ ଲୋକଙ୍କ ଉପରେ ହୋଇଥିବା ଏହି ଗବେଷଣାରେ ୫୦% ଲୋକ ଏପରି ଥିଲେ, ଯେଉଁମାନେ କି ଅନ୍ୟ ଜଣକୁ ଦେଖି ହାଇମାରିବା ଆରମ୍ଭ କରିଦେଇଥିଲେ । ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ, ଯେତେବେଳେ ଜଣେ ଅନ୍ୟ ଜଣକୁ ହାଇ ମାରିବାର ଦେଖିଥାନ୍ତି ସେତେବେଳେ ତାଙ୍କର ନ୍ୟୁରନ ସିଷ୍ଟମ ସକ୍ରିୟ ହୋଇଯାଏ ଏବଂ ତାହା ନକଲ କରିବା ପାଇଁ ପ୍ରେରିତ କରିଥାଏ । ଏହାବାଦ ଅନ୍ୟ ଏକ ଅଧ୍ୟୟନରୁ ଯେଉଁମାନଙ୍କର ମସ୍ତିଷ୍କ ଅଧିକ କାମ କରିଥାଏ ସେମାନଙ୍କୁ ଅଧିକ ହାଇ ଆସିଥାଏ ବୋଲି କୁହାଯାଇଛି । ତେବେ ହାଇକୁ ନେଇ ଆମ ସାଧାରଣ ଚଳଣିରେ କିଏ ଶୁଭ ଭାବିଥାଏ ତ କିଏ ଅଶୁଭ ଚିନ୍ତା କରିଥାଏ । କିନ୍ତୁ ବାସ୍ତବରେ ଏହା ଏକ ଶରୀରଗତ ପ୍ରକ୍ରିୟା ଏବଂ ଏହାକୁ ନେଇ ସେପରି କୌଣସି ମାନସିକ ଭାବରେ ଦ୍ୱନ୍ଦ ବା ସମସ୍ୟା ରହିବା ଅନୁଚିତ ।

**ଶାରଦା ପ୍ରସନ୍ନ ବେହେରା**
**ଭେଷଜ ତତ୍ତ୍ୱାବଧାରକ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ: ୭୬୫୭୦୭୧୯୬୭**



# ଗଣ୍ଠି ଯନ୍ତ୍ରଣା ହେଉଥିଲେ !



ଶୀତଦିନେ ମସ୍କୁଲୋସ୍କେଲିଟାଲ ପେନ୍ ବେଶୀ ହେବାର ପ୍ରକୃତ କାରଣ କ'ଣ ତାହା ଜଣାପଡ଼ି ନଥିଲେ ବି କରାଯାଇଥିବା କେତେକ ଗବେଷଣାରୁ ଏହା ହେଉଛି । ବାୟୁମଣ୍ଡଳର ଚାପ କମ୍ ରହିବା ଯୋଗୁଁ ଗଣ୍ଠିଫୁଲା ଓ ଯନ୍ତ୍ରଣା ହେଉଛି । ଶୀତରେ ଷ୍ଟିଫ୍‌ନେସ ବି ଅତ୍ୟଧିକ ହେବା ଲକ୍ଷ୍ୟ କରାଯାଉଛି । ଜଏଣ୍ଟ ଫ୍ଲୁଇଡ଼ରେ ଇମ୍ୟୁନୋଲୋଜିକାଲ ପରିବର୍ତ୍ତନ କମ୍ ଚାପ ଯୋଗୁଁ ହୁଏ ଯାହା ସିନୋଭିୟମ ବା ଜଏଣ୍ଟ ଲାଇନ୍‌ର ଇନଫ୍ଲାମେସନ କାରଣ ହୋଇଥାଏ । ଏହା ଯୋଗୁଁ ଗଣ୍ଠିରେ ଧୀରେ ଧୀରେ ଯନ୍ତ୍ରଣା ବଢ଼ିଚାଲେ । ପ୍ରତି ୧୦ ଡିଗ୍ରୀ ତାପମାତ୍ରା କମିବାର ପ୍ରଭାବ ଗଣ୍ଠି ଉପରେ ପଡ଼େ ଓ ତାହା ଯନ୍ତ୍ରଣାକୁ ବି ବଢ଼ାଇଚାଲେ । ଚାପ ଓ ତାପମାତ୍ରା କମ୍ ଯୋଗୁଁ ଟିସ୍ୟୁ ଫୁଲି ଉଠେ ଯନ୍ତ୍ରଣାଦାୟକ ହୋଇଥାଏ । କମ୍ ତାପମାତ୍ରାରେ ଗଣ୍ଠି ଭିତରେ ଫ୍ଲୁଇଡ଼ ପ୍ରଭାବିତ ହୁଏ ଓ ଗଣ୍ଠି ଚାଳନାରେ ବାଧା ଆସେ ।

କ୍ଷୀର ଜାତୀୟ ଖାଦ୍ୟ ଭିଟାମିନ ଡିର ମୁଖ୍ୟ ଉତ୍ସ । ଏଣୁ ଏହା ଖାଇବା ଦରକାର । ବ୍ରୋକୋଲି ଓ ଶୀତଋତୁର ପନିପରିବା ପ୍ରଚୁର ଖାଆନ୍ତୁ । ଏଥିରୁ କ୍ୟାଲସିୟମ ଓ ଭିଟାମିନ ଡି ମିଳେ । ସାଚୁରେଟେଡ ଫ୍ୟାଟ, ଟ୍ରାନ୍ସଫ୍ୟାଟ୍, ଓମେଗା ୬ ଫ୍ୟାଟିଏସିଡ଼, ରିଫାଇନ୍ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ଇନଫ୍ଲାମେସନ କମ୍ କରେ । ଏଣୁ ଏଭଳି ଖାଦ୍ୟ ରହିବା ଦରକାର । ଗୋଲମରିଚ, ଗାଜର ଓ ବିଭିନ୍ନ ପ୍ରକାରର ଶାଗ, ସାଲମନ ମାଛରୁ ଓମେଗା ଫ୍ୟାଟିଏସିଡ଼ ଓ ଭିଟାମିନ୍ ଡି ମିଳେ । ଏହା ଅସ୍ଥି ଓ ମାଂସପେଶୀ ଲାଗି ଭଲ । ର୍‌ୟୁମାଟଏଡ଼ ଆର୍ଥ୍ରାଇଟିସ୍ ଲାଗି ୱାଲନଟ୍ ଖାଇବା ଦରକାର । ଶସ୍ୟଜାତୀୟ ଖାଦ୍ୟରୁ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଏବଂ ମିନେରାଲ୍ସ ମିଳେ । ଏହା ଅସ୍ଥି ଓ ଗଣ୍ଠି ପାଇଁ ଉପକାରୀ । ଅତି ଥଣ୍ଡା ଓ ଅତି ଗରମ ଖାଦ୍ୟ ଖାଇବା ଉଚିତ ନୁହେଁ । ମାଛ ତେଲରେ ଓମେଗା-୩ ଫ୍ୟାଟି ଏସିଡ଼ ରହିଛି । ଏହା ଇନ୍‌ଫ୍ଲାମେସନ ହ୍ରାସ କରେ ଓ ଗଣ୍ଠି ବ୍ୟଥା ବି ଦୂର ହୋଇଯାଏ । ଛଣାଛଣି ଓ ମିଠା ଜାତୀୟ ଖାଦ୍ୟ ବି ଠିକ୍ ନୁହେଁ । କଞ୍ଚା ପରିବାରୁ ପ୍ରଚୁର ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଏବଂ ଡ୍ରାଏଫ୍ରୁଟ୍ସ ଓ ମାଛରୁ ଫ୍ୟାଟି ଏସିଡ଼ ମିଳେ । ଏହା ଗଣ୍ଠିର କ୍ଷତି ହେବାକୁ ଦିଏନି ।



ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

## ଯାତ୍ରା ବେଦନା

# ଦର୍ଶକଙ୍କ ପାଇଁ ଅଲୋଡ଼ା ନାୟକ

ଯାତ୍ରା କହିଲେ ଦର୍ଶକ ବିଶେଷତଃ ଅଭିନେତାମାନଙ୍କୁ ବେଶ ମନେ ପକାଇ ପାରନ୍ତି। କେଉଁ ହିରୋ, ହିରୋଇନ, ଭିଲିଆନ, ଚରିତ୍ର କି ହାସ୍ୟାଭିନେତାଙ୍କ କଥା ମନେ ପକାଇ ଖୁସି ହୋଇଥାନ୍ତି। ହେଲେ ଏହି ଅଭିନୟ ବାହାରେ ଥିବା ପ୍ରଚ୍ଛଦପଟ ଅଭିନେତାଙ୍କୁ ନା କେହି ଦେଖିଛି, ନା କେହି ଜାଣିଛି। ସମସ୍ତେ ଜାଣିଥାନ୍ତି, ପେଣ୍ଡାଲ ପଛପଟରେ ମୁଣ୍ଡ ଦେଖାଯାଉଥିବା ଲୋକମାନେ ହିଁ ମ୍ୟୁଜିକ ବା ଲାଇଟ୍ ମ୍ୟାନ ହୋଇଥିବେ। ସେମାନେ ତ ସମସ୍ତଙ୍କ ଉପରେ ଲାଇଟ୍ ଦେଖାଇ କି ନାଟକରେ ସାଉଣ୍ଡ ବଜାଇ ଅଭିନେତାଙ୍କୁ ପରିଚିତ କରିଥାନ୍ତି, ହେଲେ ସେମାନଙ୍କୁ କିଏ ବା ପରିଚିତ କରାଇବ। ଏମାନଙ୍କ ବ୍ୟତୀତ କଷ୍ଟ୍ୟୁମ, ଟେଣ୍ଟ, ମେସ୍ କି ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଲୋକ ବି ସେମିତି ଅଲୋଡ଼ା ଦର୍ଶକଙ୍କ ପାଇଁ ହୋଇଯାଇଥାନ୍ତି। ସେମାନେ ମଜୁରି ଗଣ୍ଡାକରେ ସନ୍ତୁଷ୍ଟ ହୋଇଯାଇଥାନ୍ତି ସିନା ଇଚ୍ଛା ଥିଲେ ବି ନାଁ ଟିକେ କମେଇବାର କିଛି ସ୍ୱପ୍ନ ନଥାଏ। କିନ୍ତୁ ସେମିତି ଦେଖିବାକୁ ଗଲେ ସେମାନଙ୍କ ପାଇଁ ତ ଯାତ୍ରା ସମ୍ଭବ ହୋଇଥାଏ। ଅନେକ ସମୟରେ ଦେଖାଯାଏ, ଯାତ୍ରା ପରିବେଷଣ ହେବା ଦିନ ସ୍ଥିର ହୋଇଥାଏ, ହେଲେ ସମ୍ପୂର୍ଣ୍ଣ ଭାବରେ ଲାଇଟ୍, ଟେଣ୍ଟ ପ୍ରସ୍ତୁତ ହୋଇପାରି ନଥାଏ। ହଠାତ ଯାତ୍ରା ପରିବେଷଣ ବେଳକୁ ଲୋକେ ଘଣ୍ଟେତଳେ ଯାହା ଆଶା କରି ନଥିଲେ ହଠାତ ସବୁ ଠିକ୍‌ଠାକ୍ ହୋଇଯାଇଥାଏ। ଏହା କେବଳ ପ୍ରଚ୍ଛଦରେ ଥିବା ହିରୋଙ୍କ ପାଇଁ ସମ୍ଭବ ହୋଇଥାଏ। ସେମାନଙ୍କ ନାଁ କି ସ୍ୱତନ୍ତ୍ର ପରିଚୟ ଥାଇ ନପାରେ, ହେଲେ ସେମାନଙ୍କର ଯେଉଁ ଅବଦାନ ରହିଛି ତାହା ଯାତ୍ରାଜଗତ ପାଇଁ କିଛି କମ୍ ନୁହେଁ। ସେମାନେ ସିନା ମଞ୍ଚ ପଛରେ ରହି ସମସ୍ତ ସଂଯୋଜନା କରନ୍ତି କିନ୍ତୁ ସେମାନଙ୍କ ପାଇଁ କାହାର ଦରଦ ନଥାଏ। ସେମାନେ ଦର୍ଶକଙ୍କ ପାଖରେ ସଂପୂର୍ଣ୍ଣ ଅଜଣା ଅଶୁଣା। ଏହି ନାୟକମାନେ ଯାତ୍ରାର ମେରୁଦଣ୍ଡ ଭଳି କାମ କରିଥାନ୍ତି ସିନା ସେମାନଙ୍କର ଦୁଃଖ ବୁଝିବାକୁ କିଏ ବା ଅଛନ୍ତି!



## ଆହତ କଳାକାରଙ୍କ ଦୁଃଖ ବୁଝିବ କିଏ?

ଜୀବନ ଅଛି ମାନେ ନାନାପ୍ରକାର ଦୁର୍ଘଟଣା ବି ରହିଛି । କାହା ଜୀବନରେ କେତେବେଳେ ଦୁର୍ଘଟଣା ଘଟିବ କିଏ ବା ଜାଣିଛି। ଯାତ୍ରା କଳାକାରମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣହାନି ଘଟୁଥିବା ବେଳେ କେତେକ ବି ଗୁରତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଯାତ୍ରା କଳାକାରଙ୍କର କୌଣସି ବୀମା ନଥିବା କାରଣରୁ ଇଣ୍ଡଷ୍ଟ୍ରିରେ ବଞ୍ଚିବା ମଧ୍ୟ ମୁସ୍କିଲ୍ ହୋଇପଡ଼ିଛି। ଯେହେତୁ ଇଣ୍ଡଷ୍ଟ୍ରିର ମାନ୍ୟତା ଯାତ୍ରା ପାଇନାହିଁ, ସେଥିପାଇଁ ଯାତ୍ରା ପ୍ରଯୋଜକମାନେ କୌଣସି ବୀମା କରି ନଥାନ୍ତି। ସେଥିପାଇଁ ଯେଉଁ କଳାକାରମାନେ ବୀମା ବ୍ୟକ୍ତିଗତ ଭାବରେ କରି ନଥିବେ, ସେମାନେ ଚିକିତ୍ସିତ ହେବାକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼େ। ଦୁଃସ୍ଥ କଳାକାରମାନେ ଚିକିତ୍ସା ପାଇବାରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି। ଯେଉଁମାନଙ୍କର ଚିକିତ୍ସା ହେବା ପାଇଁ ସମ୍ବଳ ନାହିଁ ସେମାନେ କଳାକାରଙ୍କର ଚାନ୍ଦା ଉପରେ ନିର୍ଭର କରିଥାନ୍ତି। କଳାକାରଟିଏ ଅନ୍ୟକୁ ଖୁସି ଦେଇ ଯେତେବେଳେ କୌଣସି ରୋଗ କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହୁଏ, ଦୁଃଖ ବୁଝିବାକୁ ପାଖରେ କେହି ନଥାନ୍ତି। ଏଣୁ କଳାକାରଙ୍କ ପାଇଁ ପାର୍ଟି ପକ୍ଷରୁ ବୀମା କରାଯାଇପାରିଲେ, ଆପାତତଃ ବିପଦ ସମୟରେ ସାଥ୍ ପାଇପାରନ୍ତେ।



## ଆଜୀବନ ଦୁଃଖୀ କଳାକାରଃ

ଯାତ୍ରାର ରୂପରେଖ ବଦଳିବା ପରେ କଳାକାରଙ୍କର ପାରିଶ୍ରମିକ ବୃଦ୍ଧି ପାଇଛି। ପୂର୍ବରୁ ଯେଉଁ କଳାକାରମାନେ ଯାତ୍ରାରେ ଅଭିନୟ କରି ଅବସର ଅନେକ ଦିନ ହେଲା ନେଲେଣି, ସେମାନଙ୍କ ଦୁଃଖ କହିଲେ ନସରେ। ସେମାନେ ଯେତେବେଳେ ଅଭିନୟ ଜଗତରେ ପାଦ ଥାପିଥିଲେ, କେବଳ କଳାକୁ ଭଲ ପାଇ କମ୍ ପାରିଶ୍ରମିକରେ କାର୍ଯ୍ୟ କରୁଥିଲେ। ଯାହା ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ମଧ୍ୟ ଅକୁଳାଣ ପଡୁଥିଲା। ତା ସହିତ ଯାତ୍ରାକୁ ନେଇ ସେତେବେଳେ ଯେଉଁ ଭାବନା ଥିଲା, ସେଥିପାଇଁ ମଧ୍ୟ ନାନା କଥା ଶୁଣିବାକୁ ପଡୁଥିଲା। ଏବେ ସେହି କଳାକାରମାନେ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଥିଲେ ବି ସେମାନଙ୍କୁ ସାହାଯ୍ୟ କରିବାକୁ କେହି ନାହାନ୍ତି। ଘରର ଗୁଜୁରାଣ ମେଣ୍ଟାଇବା, କେହି ରୋଗରେ ପଡ଼ିଲେ ଚିକିତ୍ସା କରିବା ଭଳି ଜଟିଳ ସମସ୍ୟାରେ ସମ୍ମୁଖୀନ ହେଉଥିଲେ ବି ଆହା କହିବାକୁ ସେମାନଙ୍କ ପାଖରେ କେହି ନାହାନ୍ତି।



ଶ୍ରୁତି ହାସନ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com